୬ ରେସ୍ ବେଳେ ଛିନଛତ୍ର ହେଲା କୁଶ ମୈନିଙ୍କ କାର୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୩୦ ● ୧୬ ସେପ୍ଟେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-230 ● 16th September 2024, Monday ● Bhubaneswar

Licensed to post without pre-payment of postage No- BN-60/22-24







# ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ : ୪ କୋଟି ଟଙ୍କା ଆଦାୟ



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**
କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୯୧୨୨ ମାମଲା ପିକରଣ ହୋଇଥିବା ବେଳେ ୩୮୦୨ଟି ମାମଲା ସମାଧାନ ହୋଇ ୪ କୋଟି ୩୬ ଲକ୍ଷ ୩୨ ହଜାର ୫୦୪ ଟଙ୍କା ଆଦାୟ ହୋଇଛି। ଏହି ମାମଲା ଗୁଡିକ ମଧ୍ୟରୁ ସମାଧାନ ହୋଇଥିବା ୩୧୯ଟି ଚେକ୍ ବାଉନ୍ସ, ଟଙ୍କା ପୁନଉଦ୍ଧାର ୩୨ଟି, ମଟର ଯାନ ଦୁର୍ଘଟଣା ୮ଟି, ବିଭିନ୍ନ ରାଜସ୍ୱ ମାମଲା ୨୦୨୨ଟି ଏବଂ ବ୍ୟାଙ୍କ ଋଣ ୧୨୩୮ଟି, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ୩ଟି ଏହିଭଳି ମୋଟ୍ ୩୮୦୨ ଟି ମାମଲା ସମାଧାନ ହୋଇ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ମାନ୍ୟବର ସମସ୍ତ ବିଚାରପତି ସହଯୋଗ କରିଥିଲେ ।

# କୋର୍ଟରେ ଚ୍ୟାଲେଞ୍ଜ ପରେ ଏକାମ୍ର ବାର୍‌କୁ ମିଳିଲା ଡ୍ୟାନ୍ସ ଅନୁମତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜଧାନୀର ବାରରେ ବାରଗାର୍ଲ ନାଚିପାରିବେ ନାହିଁ । ଯେଉଁ ବାର୍ ମାଲିକ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଗତ ମାସରେ ଏମିତି କଡ଼ା ଚେତାବନି ଦେଇଥିଲେ ସରକାର । ଏହାକୁ ଚ୍ୟାଲେଞ୍ଜ କରି କୋର୍ଟକୁ ଯାଇଥିଲେ ବାର ମାଲିକମାନେ । ପ୍ରଥମ ପର୍ଯ୍ୟାୟରେ କୋର୍ଟ ଗୋଟିଏ ବାରକୁ ଡ୍ୟାନ୍ସ କରିବା ପାଇଁ ଅନୁମତି ଦେଇଛନ୍ତି । ସପ୍ତାହ ମଧ୍ୟରେ ବାକି ସବୁ ବାରକୁ ଅନୁମତି ମିଳିବ ବୋଲି ଆଶା କରାଯାଉଛି । ତେଣୁ ବାରରେ ପୁଣି ଅଶ୍ଳୀଳ ନୃତ୍ୟ ଜମିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଆଗକୁ ପୂଜା ଆସୁଛି । ବାର୍ ମାଲିକଙ୍କ ଅସଲ ବେପାର ସମୟ । ତେବେ ସରକାରଙ୍କ ପକ୍ଷରୁ ବାର୍ ଡ୍ୟାନ୍ସରେ ଲଗାଯାଇଥିବା କଟକଣା ବାର୍ ମାଲିକଙ୍କୁ ଚିନ୍ତାରେ ପକାଇ ଦେଇଥିଲା । ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ବର୍ ମାଲିକମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ବାର୍ ପକ୍ଷରୁ ଲଢୁଥିବା ଆଇନଜୀବୀ ଦର୍ଶାଇଥିଲେ ବାର୍ ଡ୍ୟାନ୍ସ ବନ୍ଦ କଲେ ସେଥିରେ କାମ କରି ପେଟ ପୋଷୁଥିବା ଯୁବତୀ-ମହିଳାମାନେ ଅନୈତିକ କାର୍ଯ୍ୟରେ ଲିପ୍ତ ହେବେ । ତା'ଛଡା ଦେଶର ସବୁ ରାଜ୍ୟରେ ଚାଲିଥିବା ଡ୍ୟାନ୍ସ ବାର୍ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଚାଲୁଥିବାବେଳେ ଏଠାରେ ମଧ୍ୟ ଅନୁମତି ଦିଆଯିବା ଉଚିତ । ତେବେ କୋର୍ଟ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏକମ୍ର ବାରକୁ ଡ୍ୟାନ୍ସ ପାଇଁ ଅନୁମତି ଦେଇଛନ୍ତି । ତେବେ ମ୍ୟୁଜିକ୍ ଲାଇନ୍ସ ଡିସିପିଙ୍କ ପାଖରୁ ଆଣିବାକୁ ପଡିବ ବୋଲି କୋର୍ଟ କହିଛନ୍ତି। ଯେତେବେଳେ ଡ୍ୟାନ୍ସ ପାଇଁ ଅନୁମତି ଥିଲା କିଛି ବାର ନିୟମ ଉଲ୍ଲଂଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରଖୁଥିଲେ । ରାତି ତମାମ ଡିଜେ ବଜାଇ ଅଶ୍ଳୀଳ ନୃତ୍ୟ କରୁଥିଲେ । ରାତିଅଧ ଯାଏ ବାର ଖୋଲା ରହିବାରୁ ଗଣ୍ଡଗୋଳ ମଧ୍ୟ ଘଟୁଥିଲା । ତା'ଛଡ଼ା ବାରଗର୍ଲଙ୍କୁ ନିର୍ଯାତନା ଦିଆଯିବା, ସେମାନଙ୍କୁ ଗ୍ରାହକଙ୍କ ସହିତ ରାତ୍ରିଯାପନ ପାଇଁ ବାଧ୍ୟ କରାଯିବା, ଏପରିକି କିଛି ବାର ଗାର୍ଲ ଆତ୍ମହତ୍ୟା କରିବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜିର ବୁଝାମଣାପତ୍ର ସ୍ୱାକ୍ଷରିତ

**ବାଲେଶ୍ୱର, ନ୍ୟୁଜ**
ଫକୀରମୋହନ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଇନକ୍ୟୁବେସନ ଫାଉଣ୍ଡେସନ (ଟିବିଆଇ) , ଅନଲାଇନ୍ କ୍ୟାବ ସେବା ଶିଳ୍ପର ଅଗ୍ରଣୀ କମ୍ପାନୀ ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରି ଏହି ବ୍ୟବସ୍ଥାରେ ଭାଗିଦାରୀ ସ୍ଥାପନ କରିଛି। ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡକୁ ଏହାର ଉତ୍ସ ବଢାଇବା ପାଇଁ ଆବଶ୍ୟକ ଉତ୍ସ ସହ ସହାୟତା ଯୋଗାଇବା ଏହି ସ୍ୱାକ୍ଷରିତ ଏମଓୟୁ ଲକ୍ଷ୍ୟ ରଖାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଉପାଧ୍ୟକ୍ଷତାରେ ଏକ ବୈଠକ ଆୟୋଜିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜିର ପ୍ରତିଷ୍ଠାତା / ସିଇଓ ଏସ.କେ ମେଘଲାଲଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମୀନା ଦାସ ଏହି



ବୁଝାମଣାପତ୍ରଟି ସ୍ୱାକ୍ଷର କରିଥିଲେ। ଏହାର ସର୍ତ୍ତାବଳୀ ଅନୁଯାୟୀ, ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜି ଟି.ବି.ଆଇ ର ମେଣ୍ଟରସିପ୍, ନେଟୱାର୍କିଂ ସୁଯୋଗ, ଆଇନଗତ ଏବଂ ମାର୍କେଟିଂ ସହାୟତା, ପାଣ୍ଠି ସହାୟତା, ଏବଂ ସମ୍ମିଳନୀ କକ୍ଷ ଏବଂ ଅଡିଟୋରିୟମ ଇତ୍ୟାଦିର ଉନ୍ନୟନ କାର୍ଯ୍ୟକ୍ରମରେ ସହଯୋଗ କରିବ । ବିଶ୍ୱବିଦ୍ୟାଳୟର ଟି.ବି.ଆଇ ର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢୀ ଏବଂ ସି.ଓ.ଓ ଶ୍ରୀ ସୁନେନ୍ଦୁ ନାୟକ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହର ଆୟୋଜନ ତଥା ସଂଯୋଜନା କରିଥିଲେ। ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଅନଲାଇନ୍ କ୍ୟାବ ସେବାରେ ଏକ ଅଗ୍ରଣୀ, ସୁବିଧାଜନକ, ସୁଲଭ ଏବଂ ନିର୍ଭରଯୋଗ୍ୟ ପରିବହନ ସମାଧାନ ପ୍ରଦାନ କରିଥାଏ ଓ ଗ୍ରାହକଙ୍କ ସନ୍ତୁଷ୍ଟି ସହ ବୈଷୟିକ ଉଦ୍ଭାବନ ଉପରେ ଧ୍ୟାନ ଦେଇଆସିଛି। ବିଶ୍ୱବିଦ୍ୟାଳୟର ଟି.ବି.ଆଇ ଏବଂ ବଡ଼ ଇଣ୍ଟରନ୍ୟାସନାଲ ଟେକ୍ନୋଲୋଜି ମଧ୍ୟରେ ଏହି ସହଭାଗିତା ଏହି ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହେବ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ।

### ୧୦% ପିସି ଦାବିର ବିବାଦୀୟ ଅଡିଓ ଭାଇରାଲ ପଛରେ କିଏ ଦୋଷୀ : ତଦନ୍ତ ଦାବି

# ପଞ୍ଚାୟତରେ ମାଳ ମାଳ ଦୁର୍ନୀତିକୁ ଚପାଇବାପାଇଁ ବଳିପଡିଗଲେ ଯନ୍ତ୍ରୀ

**ତିର୍ତ୍ତୋଲ, ନ୍ୟୁଜ ବ୍ୟୁରୋ**
ପଂଚାୟତରେ ମାଳ ମାଳ ଦୁର୍ନୀତିକୁ ଚପାଇବାକୁ ଯାଇ ଯନ୍ତ୍ରୀକୁ ପକାଇଲେ ବଳି। ୨ ଲକ୍ଷ ଟଙ୍କାର ରଙ୍ଗ ମରା କାମକୁ ୫ ଲକ୍ଷ ଟଙ୍କା ବିଲ କରାଇବାପାଇଁ ଯନ୍ତ୍ରୀଙ୍କ ଉପରେ ଚାପ ପକାଉଥିଲେ ଲୋକପ୍ରତିନିଧି। ଯନ୍ତ୍ରୀ ରାଜି ନହେବାରୁ ଫେବୃଆରୀ ମାସରେ ଏକ ପୁରୁଣା କଲ ରେକର୍ଡକୁ ଲୋକପ୍ରତିନିଧି ଭାଇରାଲ କରିଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗତ ଫେବୃଆରୀ ମାସରେ ଗୋପାଳପୁର ପଂଚାୟତ ପୁଟିଙ୍ଗ ଗ୍ରାମର ଜନୈକ ଠିକାଦାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୭ ଲକ୍ଷ ୫ ହଜାର ବ୍ୟୟବରାଦରେ ପୁଟିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ କରିଥିଲେ। ସେହି କାମ ବାବଦକୁ ୬ ଲକ୍ଷ ୮୩ ହଜାର ବିଲ ହୋଇଥିବା ଜନୈକ ଠିକାଦାର କହିଛନ୍ତି। ଅବଶିଷ୍ଟ ସତସଠି ହଜାର ବିଭିନ୍ନ ଟାକ୍ସ, ସେଷ, ୱାର୍କ କଣ୍ଟିଜନେସ, ଲେବର ସେସ, ୱାର୍କ ସିକ୍ୟୁରିଟି ବାବଦକୁ କାଟିଥିବା ଜନୈକ ଠିକାଦାର କହିଥିଲେ। ଜନୈକ ଓ ଯନ୍ତ୍ରୀଙ୍କ ମଧ୍ୟରେ ଫୋନ ମାଧ୍ୟମରେ ହୋଇଥିବା ବାର୍ତ୍ତାଳାପର ଅଡିଓକୁ ସେହି ପଂଚାୟତର ଲୋକପ୍ରତିନିଧି ଚତୁରତାର ସହିତ ମାଗିନେଇଯାଇଥିଲେ। ଲୋକପ୍ରତିନିଧିଙ୍କ ଫୋନ ଯନ୍ତ୍ରୀ ବାରମ୍ବାର ନ ଉଠାଇବାରୁ ଦୀର୍ଘ ୮ ମାସ ପରେ ଲୋକପ୍ରତିନିଧି ସେହି ଅଡିଓକୁ ଭାଇରଲ କରିଥିଲେ। ସେହି ଅଡିଓରେ ଯେଉଁ ବାର୍ତ୍ତାଳାପ କରାଯାଉଛି ସେଥିରେ କେବଳ ସୋମ୍ୟ ବାବୁ ଓ ଚେଆରମ୍ୟାନଙ୍କ କଥା ଛାଡିଦେଲେ ଅନ୍ୟ ବ୍ୟକ୍ତିଙ୍କ ନାମ ଉଲେଖ ହୋଇନାହିଁ ଯେଉଁଥିରେ ଠିକାଦାର କିଏ, ଅନ୍ୟମାନେ କିଏ ତାହା ପ୍ରମାଣିତ ହେଉନାହିଁ। ହେଲେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଅଡିଓ ଶୁଣିବା ପରେ ନିରପେକ୍ଷ ତଦନ୍ତ ପାଇଁ ଜ଼ିଲ୍ଲାପ୍ରକଳ୍ପ ମୁଖ୍ୟଅଧିକାରୀ ରବିନାରାୟଣ ଜେଠୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସେହି ଭାଇରାଲ ଅଡିଓ ଓ ଅଧ୍ୟକ୍ଷଙ୍କ ଅଭିଯୋଗକୁ ଜ଼ିଲ୍ଲାପ୍ରକଳ୍ପ ଅଧିକାରୀ ଶ୍ରୀ ଜେଠି ଜ଼ିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଅନ୍ୟପଟେ ତିର୍ତ୍ତୋଲରେ ଏହି ପିସି ବାବଦରେ ଭାଇରଲ ଅଡିଓକୁ ରାଜନୀତି ଆରମ୍ଭ ହୋଇଗଲାଣି। ସରପଞ୍ଚ ମାନେ ଏହି ଯୋଜନାରେ ଯନ୍ତ୍ରୀ ମାନଙ୍କ ଉପରେ ମାତ୍ରାଧିକ ଚାପ ପକାଇ ଫଲସ ବିଲ କରାଇବାପାଇଁ ବାଧ୍ୟ କରୁଛନ୍ତି। ଯନ୍ତ୍ରୀମାନେ ନକରିବାରୁ ନିଜକୁ ବଞ୍ଚାଇବାକୁ ଯାଇ ଯନ୍ତ୍ରୀମାନଙ୍କୁ ବଳି ପକାଇ ଏହି ଭଳି ପୁରୁଣା ଭିତ୍ତିହୀନ ଅଡିଓ ଭାଇରଲ କରୁଥିବା ଚର୍ଚ୍ଚା ହେଉଛି। ତିର୍ତ୍ତୋଲ ବ୍ଲକରେ ୨୯ ଟି ପଂଚାୟତରେ କରାଯାଇଥିବା ଆମ ଓଡିଶା ନବୀନ ଓଡିଶା ଯୋଜନାରେ ନିର୍ମାଣ କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରାଗଲେ ସବୁ ସତ୍ୟ ଧରାପଡିବ ବୋଲି ଆଲୋଚନା ହେଉଛି। ଖାଲି ତିର୍ତ୍ତୋଲ ବ୍ଲକରେ ନୁହେଁ ସବୁ ବ୍ଲକ ଓ ସବୁ ଉନ୍ନୟନମୂଳକ କାର୍ଯ୍ୟରେ ବିନା ପିସିରେ ଫାଇଲି ଆଗକୁ ଗଡୁନାହିଁ। ଭିଜିଲାନ୍ସ ତଦନ୍ତ ହେଲେ ଖାଲି ଯନ୍ତ୍ରୀ ଖାଲରେ ପଡିବେନି ବ୍ଲକ ଅଧିକାରୀ, ଜ଼ିଲ୍ଲାଅଧିକାରୀ ମଧ୍ୟ ଖାଲରେ ପଡିପାରନ୍ତି ଯାହା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଦୁର୍ନୀତିର ବିଧି ବଧ ଭାବେ ଭିଜିଲାନ୍ସ ତଦନ୍ତ ପାଇଁ ଦାବୀ ହୋଇଛି।

### ଜିଲ୍ଲାରେ ସ୍ୱଚ୍ଛତା ହିଁ ସେବା ପକ୍ଷ ଅଭିଯାନର ସଫଳ ଆୟୋଜନ ନିମନ୍ତେ ପ୍ରସ୍ତୁତି

# ପର୍ଯ୍ୟଟନସ୍ଥଳୀ ଗୁଡିକର ସଫେଇ କରାଯିବାକୁ ବିଡ଼ିଓ ଓ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**
ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ପାଳନ ଅବସରରେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାରେ ତୃଣମୂଳ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପାଳନ କରିବା ପାଇଁ ୧୭ ସେପ୍ଟେମ୍ବରରୁ ୨ଅକ୍ଟୋବର ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ ଏବଂ ସ୍ୱଚ୍ଛ ଭାରତ ମିଶନ- ସହରାଞ୍ଚଳର ମିଳିତ ଉଦ୍ୟମରେ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନରେ ସ୍ୱଚ୍ଛତାରେ ସହାଭାଗିତା, ସମ୍ପୂର୍ଣ୍ଣ ସ୍ୱଚ୍ଛତା କାର୍ଯ୍ୟକ୍ରମ, ତଥା ସଫେଇ ମିତ୍ର ସୁରକ୍ଷା ଶିବିର ପ୍ରଭୃତି ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ । ସ୍ୱଚ୍ଛତା ହିଁ ସେବାର ଚଳିତ ବର୍ଷ ଶୀର୍ଷକ 'ସ୍ୱଭାବ ସ୍ୱଚ୍ଛତା - ସଂସ୍କାର ସ୍ୱଚ୍ଛତା' ରହିଛି। ଏହି 'ସ୍ୱଚ୍ଛତା ହିଁ ସେବା' ପକ୍ଷକୁ ଶୃଙ୍ଖଳିତ, ବ୍ୟବସ୍ଥିତ ତଥା ଜନ ସହଭାଗିତାରେ ପାଳନ ନିମନ୍ତେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟାଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୭ ସେପ୍ଟେମ୍ବର ଠାରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମ ଉପରେ ଆଲୋଚନା ପୂର୍ବକ ଉପରୋକ୍ତ ସମୟ ମଧ୍ୟରେ ସ୍ୱଚ୍ଛତା, ମେଗା ସ୍ୱଚ୍ଛତା ଡ୍ରାଇଭ୍, ଅଳିଆ ଏବଂ ବର୍ଯ୍ୟବସ୍ତୁ ବ୍ଲାକ ସ୍ପଟ କୁ ସଫା କରିବା, ପରିମଳ କର୍ମଚାରୀଙ୍କ ଅବଦାନକୁ ଚିହ୍ନିବା ଓ ଗୁରୁତ୍ୱଦେବା ସହ ଦେଶରେ ପରିମଳ ଏବଂ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନାର ବିଗତ ଏକ ଦଶନ୍ଧି ମଧ୍ୟରେ ପାଇଥିବା ସଫଳତାକୁ ପାଳନ ଓ ଆମର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଶ୍ରୀମତୀ ଦାସ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଂଶଗ୍ରହଣ, ସଚେତନତା ଏବଂ ପରାମର୍ଶ କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରିଥିଲେ। ପୁନଶ୍ଚ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ନିମିତ୍ତ ଜନସାଧାରଣଙ୍କ ସ୍ୱଭାବ, ମୂଲ୍ୟବୋଧ, ଦାୟିତ୍ୱ ଏବଂ ସାମୂହିକ ଅଂଶଗ୍ରହଣର ମୂଳ ବାର୍ତ୍ତା ଉପରେ ବିଶେଷ ଧ୍ୟାନ ଦେବାକୁ ସେ ସମ୍ପୃକ୍ତ ବିଭାଗ ତଥା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସହରାଞ୍ଚଳ ତଥା ଗ୍ରାମ ପଞ୍ଚାୟତ ଗୁଡ଼ିକରେ 'ଏକ ପେଡ୍ ମା କେ ନାମ' ବୃକ୍ଷରୋପଣ କାର୍ଯ୍ୟକ୍ରମ, ଜଳ ଭଣ୍ଡାରର ସଫା ସୁତରା, ସ୍ୱତନ୍ତ୍ର ଗ୍ରାମ ସଭା /ୱାର୍ଡ ସଭା ସହ ସଚେତନତା ବୈଠକ, ଜିରୋ ବର୍ଜ୍ୟବସ୍ତୁ ଗ୍ରାମ ପଞ୍ଚାୟତ/ସହରାଞ୍ଚଳ, ସହର /ଗ୍ରାମ ସ୍ତରୀୟ ପୃଥକ ପୃଥକ କୁଣ୍ଡରେ ପରିମଳ କର୍ମଚାରୀଙ୍କ ଦ୍ୱାରା ମଇଳା ପୃଥକତାର ପ୍ରଦର୍ଶନ, ଗ୍ରାମାଞ୍ଚଳର ଇକୋ-ପଂଚାୟତ ଏବଂ ଇକୋ-ଟୁରିଜିମ୍ ସାଇଟରେ ପୁନ ବ୍ୟବହାର ପ୍ରଦର୍ଶନ କରୁଥିବା କାର୍ଯ୍ୟକଳାପକୁ ଆୟୋଜିତ କରିବା ଉପରେ ଆଲୋଚନା କରାଯାଇଥିଲା। ୨୭ ସେପ୍ଟେମ୍ବର ୨୦୨୪ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥାନଗୁଡିକର ସାମୁହିକ ସଫେଇ ଅଭିଯାନ କରାଯିବାକୁ ବିଡ଼ିଓ ଓ ନିର୍ବାହୀ ଅଧିକାରୀ ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମ ଗୁଡିକରେ ସମ୍ପୃକ୍ତ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜନସାଧାରଣ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ଛାତ୍ରଛାତ୍ରୀ ସମୂହ ସହ ମହିଳା ମଣ୍ଡଳ, ସ୍ୱୟଂ ସହାୟକ ସଙ୍ଘ, ସାମ୍ବାଦିକଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜନସାଧାରଣ ନିଜ ନିଜ ସ୍ତରରେ ଓ ନିଜ ଅଞ୍ଚଳ, ପାରିପାର୍ଶ୍ୱର ସଫା ସୁତରା ଉପରେ ଯେପରି ସମ୍ପୂର୍ଣ୍ଣ ଧ୍ୟାନ ଦେବେ ସେଥିପାଇଁ ଆବଶ୍ୟକ ପ୍ରଚାର ପ୍ରସାର ଓ ସଚେତନତା ପାଇଁ ପଦକ୍ଷେପ ନେବା ସହ କାର୍ଯ୍ୟ ର ସ୍ଥାଇତ୍ୱ ପ୍ରତି ଗୁରୁତ୍ୱଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ରରେ ଛାତ୍ର ଛାତ୍ରୀ ମାନଙ୍କ ସଚେତନତା ନିମନ୍ତେ କବିତା, ପ୍ରବନ୍ଧ, ଚିତ୍ର, ପୋଷ୍ଟର ପ୍ରତିଯୋଗିତା, ସ୍ଲୋଗାନ ଲେଖିବା, କୁଇଜ୍ ଏବଂ ଜିଙ୍ଗଲ୍ ଆୟୋଜନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ପକ୍ଷ ପାଳନର ଉପରୋକ୍ତ ବିଭିନ୍ନ ଦିନରେ ସମ୍ପୃକ୍ତ ଅଧିକାରୀ ମାନେ ସ୍ୱଚ୍ଛ ଭାରତ ମିଶନ ସମ୍ପୃକ୍ତି ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ସ୍ୱଚ୍ଛ ଭାରତ ମିଶନ ର ଜିଲ୍ଲାସ୍ତରୀୟ ଉତ୍ସବ ସ୍ଥାନୀୟ ଟାଉନ ହଲ ଠାରେ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଜିଲ୍ଲା ପଞ୍ଚାୟତି ରାଜ ତଥା ଗ୍ରାମ୍ୟ ପାନୀୟ ଜଳ ବିଭାଗ ଦ୍ୱାରା ଆୟୋଜିତ ଆଜିର ଏହି ଆଲୋଚନା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଅତିରିକ୍ତ ନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ, ସମସ୍ତ ବିଡ଼ିଓ, ନିର୍ବାହୀ ଅଧିକାରୀ ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ରୁ ଆରମ୍ଭ ହୋଇ ଆସନ୍ତା ୨ ପର୍ଯ୍ୟନ୍ତ ଚାଲିବ ସ୍ୱଚ୍ଛତା ସଚେତନତା ଅଭିଯାନ

**ବ୍ରଜରାଜନଗର, ନ୍ୟୁଜ ବ୍ୟୁରୋ**
ବ୍ରଜରାଜନଗର ପୌରପରିଷଦ ସଭା ଗୃହରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱ୍ୱେଣେ ଯୋଗ ଦେଇଥିଲେ । ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଏହି ସଭାକୁ ପରିଚାଳନା କରିଥିଲେ । ଏହି ସଭାରେ ସ୍ୱଚ୍ଛତା ସଚେତନତା ଅଭିଯାନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇ ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।




ଏହି ସଭାରେ ବ୍ରଜରାଜନଗର ଅଞ୍ଚଳର ବରିଷ୍ଠ ନାଗରିକ, ଏନଜୀଓ, ସତ୍ୟସାଇ ସେବା ସମିତି, ବ୍ରହ୍ମା କୁମାରୀ, ସ୍ୱୟଂସହାୟିକା ଗୋଷ୍ଠି, ବସ୍ତି ବାସିନ୍ଦା, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ କର୍ମୀ ଓ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ । ଏହି ସଭାରେ ଉପସ୍ଥିତ ଥିବା ସମସ୍ତଙ୍କ ସହିତ ଜିଲ୍ଲାପାଳ ପାରସ୍ପରିକ କ୍ରିୟା କରିଥିଲେ । କିପରି ସମସ୍ତେ ମିଶି ବ୍ରଜରାଜନଗର ସହରକୁ ସଫା ରଖିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଳନ ହେବାକୁ ଯାଉଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକୁ ସଫଳ କରିବା ତାହା ଉପରେ ଆଲୋଚନା କରିଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତ ମା'ର ସେବା ସାରି ଗାଁକୁ ଫେରିଲେ ବୀର ଯବାନ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**
ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତରେ ଭାରତୀୟ ଯବାନ ଶରତ ଚନ୍ଦ୍ର ମିଶ୍ରଙ୍କୁ ଗ୍ରାମ ଲୋକଙ୍କ ଦ୍ୱାରା ବିଦାୟ କାଳୀନ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ। ଶରତ ୨୦୦୧ ମସିହାରେ ଇଣ୍ଡିଆନ ଆର୍ମିରେ ଡ୍ରାଇଭର ଭାବେ ଯୋଗ ଦେଇଥିଲେ। ଏହି ସମୟରେ ଜମ୍ମୁ କାଶ୍ମୀର, ଉତରପ୍ରଦେଶ, ବିହାର, କୋଲକତା, ହାଇଦ୍ରାବାଦ, ସିକିମ୍ ଓ ଅରୁଣାଅଞ୍ଚଳ ପ୍ରଦେଶ ଓ ଅନ୍ୟ ରାଜ୍ୟର ସୀମାନ୍ତ ଅଞ୍ଚଳରେ ଭାରତୀୟ ଯବାନମାନଙ୍କୁ ସୁରକ୍ଷାରେ ନେବା ଆଣିବା କରିଥାନ୍ତି। ୨୦୧୯ ପୁଲବାମା ଆକ୍ରମଣ ଘଟଣାରେ ଗାଡିରେ ଯବାନ ମାନଙ୍କୁ ନେଇ ୪ଦିନ କାଳ ସର୍ଚ୍ଚ ଅପରେସନରେ ସାମିଲ ହୋଇଥିଲେ। ପରେ ୨୦୨୩ ମାର୍ଚ୍ଚ ମାସରେ ପଦୋନ୍ନତି ପାଇ ସୁବେଦାର ହୋଇଥିଲେ। ଦୀର୍ଘ ୨୪ ବର୍ଷ ଚାକିରୀ ପରେ ଗତ ଅଗଷ୍ଟ ମାସ ୩୧ ତାରିଖରେ ଅବସର ମିଳିଛି। ଭାରତ ମା'ର ସେବା ସାରି ଗାଁକୁ ଫେରିବା ଖୁସିରେ ମନେ ରଖିବା ପାଇଁ ଗ୍ରାମ ଲୋକଙ୍କ ଦ୍ୱାରା ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଣ ରୋଷଣୀ ସହିତ ବାଦ୍ୟଯନ୍ତ୍ର ବଜାଇ ଏକ ସୁସଜ୍ଜିତ ଜାନରେ ବୀର ଯବାନ ଶରତଙ୍କୁ ଗ୍ରାମ ବୁଲାଇଥିଲେ। ଏହି ସମୟରେ ବିଭିନ୍ନ ଛକ ବଜାରରେ ଲୋକେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପୁଷ୍ପ ବର୍ଷା କରି ସ୍ୱାଗତ ଜଣାଇଥିଲେ। ପରେ ଆନନ୍ଦପୁର ସ୍ଥିତ ଶରତଙ୍କ ବାସଭବନରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ପୁର୍ବତନ ସରପଞ୍ଚ ବିଜୟ ଦାସଙ୍କ ସମେତ ଶିକ୍ଷକ, ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶରତଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ : ୧୯ ମାମଲା ଫଇସଲା

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**
କନ୍ଧମାଳ ଜିଲ୍ଲା ବାଲିଗୁଡା ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ବିଚାର ବିଭାଗୀୟ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ବିଚାର ବିଭାଗୀୟ ଅଦାଲତରେ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଶୁଭଶ୍ରୀ ତ୍ରିପାଠୀ ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଉଦଘାଟନ କରିବା ସହ ନିଜ ଅଦାଲତ ପରିଚାଳନା କରିଥିଲେ। ଏଡିଜେ ନିଜ ଅଦାଲତରେ ୨ଟି ମାମଲା ଫଇସଲା କରି ମୋଟ ୮ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ସେହିପରି ସିଭିଲ ଜଜ ଅପୂର୍ବ ରାୟ (ସିନିୟର ଡିଭିଜନ)ର ନିଜ ଅଦାଲତରେ ୧ଟି ମାମଲା, ଏସଡିଜେଏମ ମହମ୍ମଦ ସାହାଫେଜଲ ନିଜ ଅଦାଲତରେ ୧୯ଟି ମାମଲା ବିଚାର କରି ଫଇସଲା କରିଥିଲେ। ଏଥିରେ ବାଲିଗୁଡା ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୯।୨୦୨୪, ଭାଦ୍ରବ ଦି୧ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୩୪।୨୦ **ଚନ୍ଦ୍ରୋଦୟ-** ଦିଘ୪।୪୧।୧୦

**ତ୍ରୟୋଦଶୀ-** ଦିଘ ୩।୧୧ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୪।୩୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ପ୍ରାଘ ୫।୪୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ପ୍ରାଘ ୫।୪୪ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ପ୍ରାଘ ୫।୪୪ ପରେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୩।୧୧ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୭।୦୮ ମଧ୍ୟେ। ଦିଘ ୮।୫୨ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ -** କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା ।



**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଶତ୍ରୁ ନାଶ ହେବେ । ମନସ୍କାମନା ପୂରଣ ହେବ ।



**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ରୋଜଗାର ଭଲ ହେବ । ପୁରତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୃହେ ଆନନ୍ଦ ।



**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।



**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।



**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ହେବ ।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ । ଶରୀର ସୁସ୍ଥ ରହିବ ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ଭ୍ରମଣ ଯୋଗ ରହିଛି ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ପ୍ରତ୍ୟେକ କାର୍ଯ୍ୟରେ ବିଜୟ ଲାଭ କରିବେ । ସତ୍‌କର୍ମ କରିବେ । ଅଳ୍ପ ପରିଶ୍ରମରେ ବେଶି ସଫଳତା ମିଳିବ । ରୋଜଗାର ସ୍ଥିର ରହିବ । ବନ୍ଧୁଙ୍କ ସହଯୋଗ ଲାଭ ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୯।୨୦୨୪, ଭାଦ୍ରବ ଦି୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୫।୩୪।୩୨ **ଚନ୍ଦ୍ରୋଦୟ-** ଦିଘ୫।୨୨।୧୩

**ଚତୁର୍ଦ୍ଦଶୀ-** ଦିଘ ୧୧/୪୫ ପର୍ଯ୍ୟନ୍ତ । **ଶତଭିଷାନକ୍ଷତ୍ର-** ଦିଘ ୧।୫୩ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଏବଂ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧/୪୫ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୬।୨୭ ମଧ୍ୟେ। ଦିଘ ୮।୩୯ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ -** ଇନ୍ଦୁ ପୂର୍ଣ୍ଣିମା, ଅନନ୍ତବ୍ରତ, ଚନ୍ଦ୍ରପୂଜା।

୬ କୋହଲି-ରୋହିତଙ୍କ ପରେ ଓପନିଂ ସମ୍ଭାଳିବେ ଶୁଭମାନ ଓ ରୁତୁରାଜ : ପୀୟୂଷ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୨୩୦ • ୧୬ ସେପ୍ଟେମ୍ବର ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-230 • 16th September 2024, Monday • Bhubaneswar | Licensed to post without pre-payment of postage No- BN-60/22-24


# ମୋଦିଙ୍କ ପାଇଁ ମୁତୟନ ହେବେ ୮୧ ପ୍ଲାଟୁନ୍ ଫୋର୍ସ

**ଭୁବନେଶ୍ୱର, ୧୫।୯**
**ନ୍ୟୁଜ୍ ବ୍ୟୁରୋ**

ଦିନକ ପରେ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଓଡ଼ିଶା ଗସ୍ତରେ ଆସି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ । ଏହାର ସଫଳ ରୂପାୟନ ପାଇଁ ମୋହନ ଚରଣ ମାଝୀଙ୍କ ସରକାର ଓ ପ୍ରଶାସନ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସଂପନ୍ନ କରିବା ପାଇଁ ରାଜ୍ୟ ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଶ୍ରୀ ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୮୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ପୁଲିସ କମିଶନର ସଞ୍ଜୀବ ପଣ୍ଡା ରବିବାର ଏକ ବୈଠକରେ ଯୋଗଦେଇ ଏହା କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ, ୧୧ ଡିସିପି ର୍‍ୟାଙ୍କ ଅଧିକାରୀ, ୨୨ ଅତିରିକ୍ତ ଡିସିପି, ୬୬ ଏସିପି, ୧୦୦ ଆଇଆଇସି, ୩୦୦ ବରିଷ୍ଠ ପୁଲିସ ଅଧିକାରୀ ମୁତୟନ ହେବେ।



ପୁଲିସ କମିଶନର ଶ୍ରୀ ପଣ୍ଡା କହିଛନ୍ତି ଯେ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିମାନବନ୍ଦରରୁ ଜନତା ମଇଦାନ ରାସ୍ତାରେ ବ୍ୟାରିକେଡ ହେବ। ଏହାଛଡା ବ୍ଲୁ ବୁକ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ କଟକଣା ଲାଗୁ ହେବ। ଖାଲିସେତିକି ନୁହେଁ, ସାଧା ପୋଷାକରେ ବି ପୁଲିସ ବୁଲିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଆଖିରେ ରଖି ଗୁଇନ୍ଦା ବିଭାଗ ଅଧିକ ସକ୍ରିୟ ରହିଛି।

ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସିବେ। ଜନତା ମଇଦାନରେ ସେ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହା ସହ ଆଉ କିଛି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସରକାରୀ *(ପୃଷ୍ଠା ୭ରେ)*

# ଓଡ଼ିଶାରୁ ଗଡିଲା ଦୁଇ ବନ୍ଦେ ଭାରତ ଏକ୍ସପ୍ରେସ୍

**ବ୍ରହ୍ମପୁର/ରାଉରକେଲା, ୧୫।୯**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରୁ ଦୁଇ ବନ୍ଦେ ଭାରତ ଏକ୍ସପ୍ରେସ ଗଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି । ଏହା ସହିତ ରାଉରକେଲା-ହାଓ୍ୱଡା ବନ୍ଦେ ଭାରତର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ଭର୍ଚୁ୍ୟଆଲ ମାଧ୍ୟମରେ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁ୍ୟଆଲ ମାଧ୍ୟମରେ *(ପୃଷ୍ଠା ୭ରେ)*







TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ପ୍ରବଳ ବର୍ଷା ସମ୍ଭାବନା: ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍ଆରସି

**ଭୁବନେଶ୍ୱର, ୧୫।୯ : ନ୍ୟୁଜ୍ ବ୍ୟୁରୋ**

ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଗକୁ ରାଜ୍ୟର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଜିଲ୍ଲାପାଳମାନଙ୍କୁ ସତର୍କ କରାଇଛନ୍ତି ସ୍ପେସିଆଲ ରିଲିଫ କମିଶନ(ଏସଆରସି)। ବର୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରବଳ ବର୍ଷାରୁ ମାଟି ଘର ଭାଙ୍ଗିବା ସହ ତଳିଆ ଅଞ୍ଚଳରେ ପାଣି ଜମିପାରେ। କିଛି ସ୍ଥାନରେ ନଦୀରେ ଜଳପତ୍ତନ ବୃଦ୍ଧି ଘଟିବାର ଆଶଙ୍କା ପ୍ରକାଶ କରିଛନ୍ତି ଏସଆରସି। ବାଂଲାଦେଶ ଓ ତତ୍ସଂଲଗ୍ନ ଗାଙ୍ଗେୟ *(ପୃଷ୍ଠା ୭ରେ)*







ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ହଟିବନି ରପ୍ତାନି କଟକଣା

ଗହମ, ଚାଉଳ ଓ ଚିନି ରପ୍ତାନି ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର କରିବାର କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସରକାର ଗହମ କିମ୍ବା ଚିନି ଆମଦାନି ମଧ୍ୟ କରିବେନି ବୋଲି ସେ ସ୍ପଷ୍ଟ କରିଛନ୍ତି । ଚଳିତ ବର୍ଷ ଜଳବାୟୁରେ ଏଲ୍‌-ନିନୋ ପ୍ରଭାବ ରହିବା କାରଣରୁ ବୃଷ୍ଟିପାତ ସ୍ୱାଭାବିକ ହୋଇପାରିନଥିଲା । ତାହାର ପ୍ରଭାବରେ ଫସଲ ନଷ୍ଟ ହୋଇଯାଉଛି । ଚଳିତ ବର୍ଷ ଅତ୍ୟଧିକ ଗରମ କାରଣରୁ ଧାନ ଫସଲ ମଧ୍ୟ ପ୍ରଭାବିତ ହୋଇଛି । ଆଖୁ ଉତ୍ପାଦନ ମଧ୍ୟ କମିବାରେ ଲାଗିଛି । ସେଥିପାଇଁ ଦେଶରେ ଚାଉଳ, ଗହମ ଓ ଚିନି ଅଭାବ ଦେଖାଦେଇଛି । ତାହାକୁ ଦୃଷ୍ଟିରେ ରଖି ଏସବୁ ସାମଗ୍ରୀଗୁଡ଼ିକର ରପ୍ତାନି ଉପରେ ସରକାର କଟକଣା ଜାରି କରିଛନ୍ତି । ୨୦୨୨ ମେ'ରେ ଗହମ ରପ୍ତାନିକୁ ନିଷିଦ୍ଧ କରାଯାଇଥିବା ବେଳେ ଗତବର୍ଷ ୨୦୨୩ ଜୁଲାଇରେ ଅଣ-ବାସୁମତି ଚାଉଳ ରପ୍ତାନି ଉପରେ କଟକଣା ଲଗାଯାଇଥିଲା । ଆଖୁ ଉତ୍ପାଦନ କମିବା ଯୋଗୁଁ ଚିନି ରପ୍ତାନିକୁ ମଧ୍ୟ ବନ୍ଦ କରାଯାଇଥିଲା । ଦେଶ ଭିତରେ ଏହି ସବୁ ଜିନିଷର ଦାମ ବଢ଼ିବା ପରେ ସରକାର ରପ୍ତାନି କଟକଣା ଭଳି କଠୋର ପଦକ୍ଷେପ ନେଇଥିଲେ । ଚିନି ଉତ୍ପାଦନ କମିବାର ଆଶଙ୍କା ଥିବାରୁ ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଆଖୁ ରସ ଯୋଗାଣ ବନ୍ଦ କରିବା ନେଇ ସରକାର ଚିନି କଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଚିନି ଯେଭଳି ବାହାରକୁ ଚାଲିନଯାଏ ତାହା ସୁନିଶ୍ଚିତ କରିବା ଲାଗି ବିଭିନ୍ନ ପ୍ରକାର କଟକଣା ଲାଗୁ କରାଯାଇଛି । ଏଥିସହିତ ଏହିସବୁ ଜିନିଷର ଖୁଚୁରା ବଜାର ଦର ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି । ଆବଶ୍ୟକ ସମୟରେ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍‌
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍‌ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ଭାଇଭାଗ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଭାଇ ଭଗାରି ହେଲେ କଥା ସରେ, ସମ୍ପତ୍ତିରେ ଭାଗବସେ। ଦୁଆରେ ଅଧାକାନ୍ଥି ଉଠେ, ବିଲରେ ହିଡ଼ ପଡ଼େ। ସମ୍ପର୍କ, ସଂପ୍ରୀତି, ବିଶ୍ୱାସବୋଧରେ କ୍ରମେ ଭଙ୍ଗାପଡ଼େ। ଭାଇ ଭାଇ ମନ ମିଳିଲେ ଜୀବନ ହୁଏ ମଧୁମୟ। ହସିଲା ପୂରିଲା ସଂସାରରେ ସଦା ଶାନ୍ତି ବିରାଜମାନ କରେ। ସେଇଥି ପାଇଁ କଥାରେ ଅଛି, "ଦୁଧ ଯଦି ଖାଇ ବସିବ ଘରେ ଥିବ ଗାଈ, ଯୁଦ୍ଧ ଯଦି କରି ବସିବ ସାଙ୍ଗରେ ଥିବ ଭାଇ।" ସାଜି ଘରେ ଏକଥାଟି ସତକୁ ସତ; କିନ୍ତୁ ଭିନ୍ନେ ଘରେ ସ୍ଥିତି ସମ୍ପୂର୍ଣ୍ଣ ବିପରୀତ। ପୁଅମାନେ ବଢ଼ିବା ଯାଏ ସବୁ ଠିକ୍ ଠାକ୍। ନୂଆ ବୋହୂ ଘରକୁ ଆସନ୍ତି। ଆରମ୍ଭ ହୁଏ କନ୍ଦଳ, ଅଶାନ୍ତି। ଭାଇଭାଇରେ ମନଫାଟେ। ମଧୁଶଯ୍ୟା ରାତିରୁ ଚାଲେ ମନ୍ତ୍ରଣା - "ପାଖରେ ଶୁଏ, କାନରେ କୁହେଁ, ତା' କଥାକି ଅନ୍ୟଥା ହୁଏ ?" ଘର ଭାଙ୍ଗିବାର ସୂତ୍ର ଖୋଲେ। ଏ ପ୍ରକାର ଆତ୍ମସର୍ବସ୍ୱ ଚିନ୍ତନ ମୁରବୀଙ୍କୁ ଅସୁଖ ଲାଗେ। ଯେତେ ନେହୁରା ହେଲେ ବି ଅନେକତ୍ର କଥା ରହେନି। ଯେତେ ପୁଅ ସେତେ ଘର। ସମ୍ପତ୍ତି ଭାଗବଣ୍ଟା ପାଇଁ କଳି ତକରାଳ, ମାଡ଼ପିଟ୍, ଥାନାକଚିରି, ନ୍ୟାୟ ନିଶାପ କେତେ କ'ଣ ଚାଲେ। ଏ ପ୍ରକାର ସ୍ଥିତି ଆରମ୍ଭ ପ୍ରାକ୍ ସ୍ୱାଧୀନତା କାଳରୁ। ପାଶ୍ଚାତ୍ୟ ଶିକ୍ଷା, ଚଳଣି, ସୁଖ, ସ୍ୱାଚ୍ଛନ୍ଦ୍ୟ ଲାଳସା, ଏହାର ଏକ ଏକ କାରଣ। ଏବେ ସେକଥା ସମାଜରେ ବହୁଳ ପରିଲକ୍ଷିତ। ପାରିବାରିକ ତିକ୍ତତାର ସୁଯୋଗ ନିଅନ୍ତି ଗାଁ ଟାଉଟର। ମଝିରେ ପଶି ଉଭୟ ପକ୍ଷକୁ ଶୋଷଣ କରନ୍ତି। ଶେଷରେ ସର୍ବସ୍ୱାନ୍ତ ହେବାକୁ ପଡ଼େ। ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀରେ। ଆପଣାର ବାହ୍ୟ ରୋଜଗାର ନ ଥିଲେ କଥା ବଡ଼ ବିଷମ ହୁଏ। ଭାଇଭାଇରେ ଲଢ଼ିବା ପାଇଁ ଟଙ୍କା ଲୋଡ଼ା। ଏଣିକି ମହାଜନ ସାହାଭରସା। ଋଣ ଟଙ୍କା ଶୁଝିନପାରି ଜମି ବାଡ଼ି ସବୁ ହରାଇବାକୁ ହୁଏ। ତା' ପରେ ବାସଛଡ଼ାଙ୍କ ଗାଁ ମୁଣ୍ଡ ବରଗଛକୁ ଆଶ୍ରା। ଇଂରେଜ ଶାସନ କାଳରେ ଉତ୍କଟରୂପ ନେଲା 'ଭାଇଭାଗ'। ଏହାର ସାର୍ଥକ ଚିତ୍ରଟେ ପ୍ରଦାନ କଲେ ଗୋଦାବରୀଶ ମିଶ୍ର। ତାଙ୍କ 'ଭାଇଭାଗ' ଗପଟି ଉଜୁଡ଼ି ଯାଇଥିବା ସାମାଜିକ ସ୍ନେହ, ସମ୍ପର୍କର ଏକ ନିଖୁଣ ଚିତ୍ର। ମହାଜନଙ୍କ ଶୋଷଣ, ଟାଉଟରଙ୍କ ନକଲି ରୂପ, ସାହୁକାରଙ୍କ ଦୌରାତ୍ମ୍ୟ, ଲାଞ୍ଚୁଆ ପୁଲିସଙ୍କ ଆଚରଣ -ଏଇ ସବୁ ବିଷୟ ଗପଟିର ମୁଖ୍ୟ କଥା। ସର୍ବୋପରି ଭାଙ୍ଗିତୁଟି ଯାଇଥିବା ଯୌଥପରିବାର, ଏଥିଯୋଗୁଁ ସୃଷ୍ଟ ସାମାଜିକ ସଙ୍କଟ। ଏ ବିଷୟରେ ଗପଟିରେ ସୁନ୍ଦର ଭାବେ ଚିତ୍ରିତ।

ଗପଟି ଅତି ଗାଉଁଲି, ଗୋଟେ ସାଧାରଣ କଥା। ଅପାଠୁଆ ନରହରି ମିଶ୍ର, ତାଙ୍କର ଦି' ପୁଅ। ନୀଳକଣ୍ଠ, ରାମଚନ୍ଦ୍ର। ବୟସ ପାଖାପାଖି। ଏକମନ, ଏକପ୍ରାଣ। ତାଙ୍କୁ ଗାଁ ଲୋକେ ରାମଲକ୍ଷ୍ମଣ କହନ୍ତି। ନୀଳକଣ୍ଠର ଭାର୍ଯ୍ୟା ଆସିଲା। ତାକୁ କହିଲେ ଲକ୍ଷ୍ମୀ। ସାନପୁଅ ହାତକୁ ଦି' ହାତ ହେଲା। ସାନବୋହୂର ଏକା ଜିଦ୍ ଭିନ୍ନେ ହବ, ନହେଲେ ବାପଘର ଚାଲିଯିବ। ଅନ୍ନ ଛୁଇଁବ ନାହିଁ। ଏବେ ରାମଚନ୍ଦ୍ର ନାଚାର, ଭାଇଭାଗ ପାଇଁ ଏକା ଜିଦ୍। ବୁଢ଼ା ପୁରୁଣା କାଳିଆ। ବାପ ଅଜା ଅମଳରୁ ବିଶ୍ୱାଏ ବି ଜମି ନଥିଲା। ଯାହା କିଛି ସିଏ କରିଛି, ଦିହ ପଣି ଖଟିଛି, ମୁଣ୍ଡର ଝାଳ ତୁଣ୍ଡରେ ମରିଛି। ମୂଳ ଲାଗିଛି। ସେ ଥିବା ଯାଏ ସମସ୍ତେ ଏକ ହୋଇ ରହିବାକୁ କହିଲେ, ଲକସ୍ତକ ହେଲେ ପିଲାଏ କଥା ମାନିଲେନି। ଭାଗବଣ୍ଟା ନିଶା ଅଘିରା ପରି ହୁତହୁତ ଜଳିଲା। ଭିନ୍ନ ହେବାଟା ସ୍ଥିର ନିଶ୍ଚିତ। ନରହରିଙ୍କ ସମ୍ପତ୍ତି ମଧ୍ୟରେ ଚବିଶ ଦସ୍ତିରେ ସାତ ମାଣ ଦୁଇପା ଶାରଦ ଜମି। ଦୁଇ ମାଣ ବଗାୟତ, ପାଞ୍ଚମାଣ ପଡ଼ିଆ, ମିହ୍ନା ଡିହରେ ଘର ଦି ବଖରା। ସତରଟା ନଡ଼ିଆ ଗଛ। ଗୋଟାଏ ଓଦାଖିଆ ଗାଈ। ହଳେ ବଳଦ, ଗୋଟିଏ ମହାଦେବଙ୍କର ବୁଲା ଷଣ୍ଢ। ଏହାଛଡ଼ା ବାସନକୁସନ, ଲୁଗାପଟା, ହାଣ୍ଡିକୁଣ୍ଡେଇ, ଏ ଅନୁପାତରେ କିଛି କମ୍ ନୁହେଁ। ଏ ସବୁ ଭାଗବାଣ୍ଟ ହେବ, କେତେବାର ଭଦ୍ରଲୋକ ବସିଲେ। ଅଡୁଆ ଛିଣ୍ଡିଲାନି। ଦେବାନି ଅଦାଲତରେ ଏବେ ଆଶ୍ରା। ଉଭୟ ପକ୍ଷରେ ଗାଁ ଟାଉଟର ସୋମନାଥ। ବଡ଼ ପାରିବା ଲୋକ, ବାଡ଼ି ଅଗରେ ଗୋବାଏ ସମ୍ପତ୍ତି ନାହିଁ। ଚିହ୍ନ ପରିଚୟ ତାଙ୍କର ଢେର। ଥାନା ଦାରୋଗା, ଓକିଲ, ମୁକ୍ତ୍ୟାର ସମସ୍ତେ ତାକୁ ଜାଣନ୍ତି। ସୋମନାଥ ପକ୍ଷ ଜୁଟାଏ। ଏବେ ଦେବାନ ଅଦାଲତରେ ସମ୍ପତ୍ତି ବଂଟୁରା ମକଦମା। ସୋମନାଥ ଟରଣୀଗିରିରେ ଓସ୍ତାଦ। ପକ୍ଷଙ୍କୁ ଫୁସୁଲା ଫୁସୁଲି କରେ, ଓକିଲ ମୁକ୍ତାରଙ୍କ ପାଖକୁ ପଠାଏ। ଭଲ ଦି ପଇସା ବି କମାଏ। ସୋମନାଥର ପରାମର୍ଶରେ ନୀଳକଣ୍ଠ ବାପା ନରହରି, ଭାଇ ରାମଚନ୍ଦ୍ରଙ୍କୁ ପକ୍ଷକରି ମକଦମା ଦାଏର କଲା। ତେଣେ ରାମଚନ୍ଦ୍ରକୁ କହି ନୀଳକଣ୍ଠଙ୍କ ନାଁରେ ଫଉଜଦାରୀ ମାମଲା ଚଳାଇଲା। ଦୁଇ ମହାଜନ ଏକ ଏକ ପକ୍ଷରେ। ଢେର୍ ଟଙ୍କା ଋଣ ଦେଲେ। ସେଥିରେ ଚାଲିଲା ମକଦମା। ଅନେକ ସାକ୍ଷ୍ୟ ପ୍ରମାଣ ନିଆଗଲା। ଫଉଜଦାରୀ ଅଦାଲତରେ ନୀଳକଣ୍ଠକୁ ଜରିମାନା ହେଲା। ତହୁଁ ସେ କସରତରେ ତଳେ ପଡ଼ିଗଲା, ମାଲ ପରି ପୁଣି ହୁଙ୍କାରି ଉଠିଲା। ମହାଜନଙ୍କ ଟଙ୍କାର ଋଣଝଣ ଶବ୍ଦ ସେ ହୁଙ୍କାରକୁ ଟାଣ କରିଦେଲା। ରାମଚନ୍ଦ୍ରକୁ ଥାନା ହାଜତରେ ଟଙ୍କା ହଜାର ହେବାକୁ ପଡ଼ିଲା। ସେବେକା ପୁଲିସ ଲାଞ୍ଚ ନେବାରେ ଧୁରନ୍ଧର। ସୋମନାଥ ଗୋପନରେ ଦାରୋଗାଙ୍କୁ ଦେଖା କଲା। ଟଙ୍କା ପଇସାର ସ୍ରୋତ ବୁହାଇଲା। ତା'ର ଖସିବା ବାଟ ସଳଖ କରିଦେଲା। ମକଦମା ବିଚାର ହୋଇଥିଲେ ରାମଚନ୍ଦ୍ରକୁ ଜେଲଖାନା ଯିବାକୁ ପଡ଼ିଥା'ନ୍ତା। ପ୍ରାକ୍ ସ୍ୱାଧୀନତା ପୁଲିସି ଉତ୍କୋଚ ନେଇ କଳାକୁ ଧଳା କରି ଦେଉଥିଲା। ନିର୍ଦ୍ଦୋଷକୁ ଦଣ୍ଡ ଦେବାକୁ କୁଣ୍ଠାବୋଧ କରୁ ନ ଥିଲା। ନିରୀହ ଜନତା ଏହାର ଶିକାର ହେଉଥିଲେ। ରାମଚନ୍ଦ୍ର, ନୀଳକଣ୍ଠ, ଙ୍କ ପ୍ରସଙ୍ଗ ଏହାର ଏକ ଉପଲକ୍ଷ୍ୟ ମାତ୍ର। ଇତି ମଧ୍ୟରେ ଦେବାନୀ ଅଦାଲତରୁ ରାୟ ମିଳିଲା। ସମ୍ପତ୍ତି ବାପ, ପୁଅ ଦି' ଜଣ - ଏମିତି ତିନି ଭାଗ ହେବ। ହାକିମଙ୍କ ହୁକୁମରେ ନରହରିଙ୍କ ପରିବାର ଥଣ୍ଡା ପଡ଼ିଗଲା। ମାଡ଼ପିଟା ଏବେ ସବୁ ବନ୍ଦ। ଜମିବାଡ଼ି, ବାସନକୁସନ, ଲୁଗାପଟା, ଘରର ଯାବତୀୟ ଆସବାବଠୁ ଛାଞ୍ଚୁଣୀ - ସବୁ ଜିନିଷର ତାଲିକା ପ୍ରସ୍ତୁତ ହେଲା। ବଣ୍ଟୁରା କରିବାର ଦିନ ଧାର୍ଯ୍ୟ। ପଞ୍ଚାୟତ ବସିବ, ଭଦ୍ରଲୋକ ଉପସ୍ଥିତିରେ ସବୁ ଠିକ୍ ଠାକ୍ ହୋଇଯିବ। ହଠାତ୍ ବଡ଼ ବିପଦଟାଏ ଘଟିଲା। ଅଦାଲତ ଚପରାସୀ ଆସି ଦୁଆର ମୁହଁରେ ହାଜର। ରାମଚନ୍ଦ୍ର, ନୀଳକଣ୍ଠଙ୍କୁ ଟଙ୍କା ଋଣ ଦେଇଥିଲେ। ଦି' ମହାଜନ। ସେମାନେ ନାଲିଶ କରି ଏକ ତରଫା ଡିଗ୍ରି ଜାରି କରିଥିଲେ। ଘର କୋରଖ ହେଲା। ସବୁ ଜିନିଷ ପଦାକୁ କଢ଼ାଗଲା। ଲିପିବା ପାଇଁ ଗୋବର ଲଣ୍ଡାଏ ବି ଘରେ ରହିଲାନି। ଦି' ଭାଇଙ୍କ ଚେତନା ଉଦୟ ହେଲା। ମିଳିମିଶି ଚପରାସୀକୁ ବାଧା ଦେଲେ, ହେଲେ ଚପରାସୀ ସରକାରୀ ତକମା ପିନ୍ଧିଛି। ଅଦାଲତର ହୁକୁମ ଆଣିଛି; ସେ ବଳରେ ପର୍ବତ ଟାଳି ପାରେ। ଚନ୍ଦ୍ରସୂର୍ଯ୍ୟ ଓଗାଳି ପାରେ। ସେ ରାଗିଲା, ମନଇଚ୍ଛା ଗାଳିକଲା, ଆଣିଥିବା ବାଡ଼ି ଖଣ୍ଡିକ ବି କାମରେ ଲଗାଇଲା। ଏମିତିକା ଘଟଣା ନୂଆ ନ ଥିଲା। ଦି' ଭାଇ ପୁଲିସ ଠାରୁ ମାଡ଼ ଖାଇବାଟା ସାଧାରଣ କଥା। ଭାଇ ଭାଇରେ କଳି। ରାମଚନ୍ଦ୍ରର ବାଡ଼ି ନୀଳକଣ୍ଠ ମୁଣ୍ଡରେ ତ, ନୀଳକଣ୍ଠ ଠେଙ୍ଗା ରାମଚନ୍ଦ୍ର ପିଠିରେ। କେତେ କେତେ ଥର ଥାନା ଦରବାର ବସିଛି, ଦାରୋଗାଙ୍କ ବେତ ଦାଗ ଉଭୟଙ୍କ ପିନ୍ଧାଲୁଗା ତଳେ। ଦେହର ଚମ ଉପରେ ଲମ୍ବା ଲମ୍ବା ରକ୍ତବର୍ଣ୍ଣ ଚିହ୍ନ। ରାମଚନ୍ଦ୍ରକୁ ପୁଲିସ ବାଡ଼େଇଲେ ନୀଳକଣ୍ଠ ଖୁସିହୁଏ, ନୀଳକଣ୍ଠ ମାଡ଼ ଖାଇଲେ ରାମଚନ୍ଦ୍ରର ହୃଦୟ ଆନନ୍ଦରେ ନାଚେ। ଏ ସବୁ ସେଇ ସମ୍ପତ୍ତି ଭାଗପାଇଁ। ଆଜି ତ ସବୁ ଗଲା। ଏବେ ସେମାନେ ଦାଣ୍ଡର ଭିକାରି। ଧନ ଥିଲେ ଦମ୍ଭ ଥାଏ, ଅହଂକାର ବି। ଟଙ୍କାର ବଳ ଜଣେ ନୀତି ଅନୀତି, ଧର୍ମ ଅଧର୍ମ, ପାପପୁଣ୍ୟର ବିଚାର ଭୁଲନ୍ତି। ଧନ ଗଲେ ଚେତନା ପଶେ। ଏବେ ଦି' ଭାଇଙ୍କର ଗୋଟିଏ ସ୍ୱରରେ ପ୍ରତିବାଦ, "ଚପରାସୀ ତୁମେ ଜିନିଷ ନେବ ତ, ମାରିବ କିଆଁ ? ସେ ହେଉ, ମୁଁ ହୁଏ - କାହାରି ଦେହରେ ହାତ ଲଗେଇଲେ ତୁମେ ଦେଖିବ, ଆମେ ଦେଖିବୁ।"

ସ୍ୱାଧୀନତା ପୂର୍ବର ଘଟଣା, ଫିରିଙ୍ଗି ରାଜୁତି। ମହାଜନଙ୍କ ରୋବାକ ବା ଦେଖେ କିଏ ? ଗରିବ ରଇତକୁ ଟଙ୍କା ଋଣ ଦିଅନ୍ତି। ଚକ୍ରବୃଦ୍ଧି ହାରରେ ମୂଳ କଳନ୍ତର ବଢ଼େ। ଖାତକ ଶୁଝି ପାରେନି। ଧାନ, ମୁଗ, ମାଣ୍ଡିଆ, ବିରି, କୋଳଥ, ମହାଜନ ସୁଧ ବାବଦକୁ ନେଇଯା'ନ୍ତି। ମୂଳଧନ କିନ୍ତୁ କମେନି। ଗାଁର ସାଧାରଣ ଲୋକ। ପାଠଶାଠ ପଢ଼ିନଥିଲେ। ମହାଜନ ସାପ କି ବେଙ୍ଗ ତମସୁକରେ ଲେଖନ୍ତି। ତାକୁ ସେ ବୁଝେନା। ଶେଷରେ ମହାଜନ ନାଲିଶ କରେ। ଘରବାରି, ଜମି ସବୁ ନିଲାମ କରିନିଏ। ନରହରିଙ୍କ ପୁଅମାନେ ନୁହଁନ୍ତି, ସ୍ୱୟଂ ନରହରି ବି ମହାଜନଙ୍କ କବଳରୁ ଖସି ନ ଥିଲେ। ଦି' ପୁଅ ବାହାଘର ପାଇଁ ମହାଜନ ଠାରୁ ଦୁଇଶ ଟଙ୍କା ଋଣ ଆଣିଥିଲେ। ନରହରି ଟଙ୍କା ଶୁଝି ଦେଲେ, ତମସୁକ ଫେରି ପାଇଲେନି। ସେବେକା ମହାଜନ ଭାରି ଧୂର୍ତ୍ତ। ତମସୁକ ଫେରାନ୍ତିନି, ନାନାଦି କୌଶଳ ଖଞ୍ଜନ୍ତି। ଟଙ୍କା ତ ଦେଲ, ଦଲିଲରେ ବା କ'ଣ ଥାଏ ? ପୁଅ ପାଖରେ ଅଛି ଆଉ ଦିନେ ଆସିବ। ସିନ୍ଦୁକର କୁଞ୍ଚିକାଠି ହଜିଯାଇଛି, ଯାଅ ଆଉ ଦିନେ ଆସିବ - ଏମିତି କେତେ ଫନ୍ଦି କରନ୍ତି। ବେଳଉଣ୍ଡି ନାଲିଶ କରି ଦିଅନ୍ତି। ସରକାରୀ କଳ ଲଗାଇ ଟଙ୍କା ଅସୁଲ କରାଇ ନିଅନ୍ତି। ମଧୁ ମହାଜନ, ଜାତିରେ ପଣ୍ଡା, ନରହରି ମିଶ୍ରେ, ଉଚ୍ଚ ବର୍ଣ୍ଣର ବ୍ରାହ୍ମଣ। ଟଙ୍କା ଋଣ ଦେଇ ପଣ୍ଡାଏ ଚାହିଁଲେ ନରହରି ଝିଅ ହାତ ଧରିବାକୁ। ଜାତ୍ୟାଭିମାନ ସେତେବେଳେ ଭାରି କଡ଼ାକଡ଼ି। ମିଶ୍ରଘର, ପଣ୍ଡା ଘରେ ବନ୍ଧୁ ବାନ୍ଧିବେନି, ଏଣୁ ରୋକଠୋକ ମନା କରିଦେଲେ। ସେଇ ରାଗ ଥିଲା। ଯେତେଦିନ କବଲାଟି ଅଛି, ବ୍ରାହ୍ମଣ ଟେକାର ଚୁଟି ତାଙ୍କ ହାତରେ। 'ସଜ ଉଣ୍ଡି ଦିନେ ଦେଖିବି। କେମିତି ଭଟମିଶ୍ର ସାଆନ୍ତ ସେ, ଆଉ ମୁଁ ହାଡ଼ି ପାଣରୁ ହୀନ' - ଏଇ ଭାବନା ମଧୁ ପଣ୍ଡାକୁ ହିଂସ୍ର କରିଦିଏ। ସୁଯୋଗ ଉଣ୍ଡିଲେ ନରହରିଙ୍କ ମିହ୍ନା ଡିହ ଉପରେ ଥିବା ଘର, ନିଲାମ କରିଦେଲେ। ଏବେ ଦି' ପୁଅ ବୁଢ଼ା ବରଗଛ ମୂଳେ, ନିଜେ ନରହରି ଦେବାନୀ ଫାଟକରେ। ଭାଇଭାଗ ଗପର ଏହା ମୋଟାମୋଟି ବିଷୟ।

ବାଘ ବାଘୁଣୀ ବନରେ ମରାମରି, ଲଢ଼ାଲଢ଼ି ହେଉଥାନ୍ତି। ଶିକାରୀ ଆସିବାର ଦେଖିଲେ ଏକା କୋଟରରେ ସମସ୍ତେ। ସେହିପରି ବର, ଭାର୍ଯ୍ୟା; ଚାରିଜଣ ଏବେ ବିରହ କାତର ବୁଢ଼ୀଟି ସହ ବରଗଛ ଛାଇରେ ବସିଲେ, ଢେର କାନ୍ଦିଲେ, ଭାଗ୍ୟକୁ ନିନ୍ଦିଲେ। ମହାଜନକୁ ଗାଳିଦେଲେ, ସୋମନାଥର ସାତପୁରୁଷ ଉଦ୍ଧାର କଲେ। ମଧୁ ପଣ୍ଡା ଉପରେ ଅଭିଶାପ ବର୍ଷିଲେ। ନିଜ ରାଗ ମେଣ୍ଟାଇବା ସାର ହେଲା ଯାହା। ହେଲେ ବୁଢ଼ା ଶୁଦ୍ଧି ପାଇଁ ଦି' ଭାଇ ପଇସାଟିଏ ପାଇ ନ ଥିଲେ। ଚମ୍ପା, ଲକ୍ଷ୍ମୀ, ଦୁହିଁଙ୍କ ହାତରେ ପଟେ ପଟେ ବଳା ପୁଷ୍ପିତ ଲତାର କୁଡୁମା ଶେଷ ଫୁଲ ଗଣ୍ଡାକ ପରି ଶେଷରେ ଝରି ପଡ଼ିଲେ। ସେଇ ପଇସାରେ ଶ୍ୱଶୁରଙ୍କ ଚିତା ଜଳିଲା।

ବ୍ୟକ୍ତି ସର୍ବସ୍ୱ ମଣିଷ ଆଜି ଭୁଲିଛି ହିତାହିତ, ପରିବାର ପ୍ରତି କର୍ତ୍ତବ୍ୟବୋଧ, "ଆପେ ବଞ୍ଚିଲେ ବାପାର ନାଁ" - ଏଇ ଚିନ୍ତନଟି ଘାରିଛି ସାରା ବିଶ୍ୱକୁ। ମିଳୁଥିବା ଦାନାଗଣ୍ଡାକ, ବାଣ୍ଟି ଖାଇଲେ ପରିବାରରେ ଶାନ୍ତିଟିକକ ମିଳେ। ଭିନ୍ନେଘରେ ତା' ନଥାଏ। ଭାଇ ଭାଇ ସମ୍ପର୍କ ନିବିଡ଼, ସମ୍ବନ୍ଧ ସ୍ୱର୍ଗୀୟ, ଶାଶ୍ୱତ ବି। ଏହା ପ୍ରାଚୁର୍ଯ୍ୟରେ ନଥାଏ। ଦୁର୍ଦ୍ଦିନରେ ତାହା ବାରି ହୋଇପଡ଼େ। ଯୌଥ ପରିବାର ଆଦର୍ଶ, ଆପଣେଇ ନେଲେ ବୈକୁଣ୍ଠ ସମାନ ଘର। ସୁଖଶାନ୍ତି ସଦା ବିରାଜମାନ କରିବ। ଏଇ କଥାକୁ ଆଜିକାଲିକା ପାଠୁଆ ବାବୁଙ୍କୁ ବା କିଏ ବୁଝାଇ ପାରିବ ?

# ବାସ୍ତୁଶାସ୍ତ୍ରର ଜନକ : ବିଶ୍ୱକର୍ମା



ଲଳିତ ମୋହନ ମିଶ୍ର
ନୟାଗଡ଼
ମୋ-୯୪୩୭୯୮୫୮୬୬



ଗଣେଶ ପୂଜାର ଅବ୍ୟବହିତ ପରେ ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମାଙ୍କ ଚତୁର୍ଭୁଜ ମୂର୍ତ୍ତି ପୂଜା କରାଯାଏ । ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳିର ନିଦର୍ଶନ ସ୍ୱରୂପ। ଶିଳ୍ପପ୍ରଧାନ ଅଞ୍ଚଳ ଯଥା ନାଲକୋ ନଗର, ହୀରାକୁଦ, ପାରାଦ୍ୱୀପ ଓ ରାଉରକେଲା ଆଦି ସହର ତଥା ଓଡ଼ିଶାର ପ୍ରତ୍ୟେକ ଶିଳ୍ପାନୁଷ୍ଠାନରେ ଗୁଡିକରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ମୃଣ୍ମୟ ମୂର୍ତ୍ତି ପୂଜା କରାଯାଏ।

ପ୍ରାଚୀନ ଗ୍ରନ୍ଥ, ପୁରାଣ, ଉପନିଷଦକୁ ଅବଲୋକନ କଲେ ଜଣାଯାଏ, ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ । ଅନ୍ୟ ଅର୍ଥରେ ସେ ବିଶ୍ୱର ସୃଷ୍ଟିକର୍ତ୍ତା। ପ୍ରଜାପତି ବ୍ରହ୍ମାଙ୍କ ନାଭି କମଳରୁ ବିଶ୍ୱକର୍ମାଙ୍କ ଜନ୍ମ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ ବିଶ୍ୱକର୍ମା । ଅତ୍ୟନ୍ତ ସୁନ୍ଦର, ତେଜସ୍ୱୀ, ଦିବ୍ୟ ବସ୍ତ୍ର ପରିହିତ, ନାନାଦି ରତ୍ନାଳଙ୍କାରରେ ସେ ବିଭୂଷିତ । ସେ ମହାଜ୍ଞାନୀ, କିଶୋର ପରି ପ୍ରତୀୟମାନ। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସେ ସୃଷ୍ଟି ସର୍ଜନା କରିଥିଲେ ବୋଲି ତାଙ୍କୁ ଦେବଶିଳ୍ପୀ କୁହାଯାଏ । ବିଶ୍ୱକର୍ମା ସକଳ ଶିଳ୍ପକଳାର ଜନକ। ଦେବତା ମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ଓ ବିମାନ ଆଦି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ବିଭିନ୍ନ ଶିଳ୍ପାନୁଷ୍ଠାନ ଓ କଳାକାରଖାନାରେ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ ।

ଏହି ଦିନରେ ସମସ୍ତ କାରିଗର, ଇଞ୍ଜିନିୟର, ୱେଲଡର, ମେକାନିକ୍ ଏବଂ ଅନ୍ୟମାନେ ମଧ୍ୟ ତାଙ୍କୁ ପୂଜା କରନ୍ତି । ହିନ୍ଦୁ ଧର୍ମଗ୍ରନ୍ଥ ଅନୁସାରେ, ପୂରା ବିଶ୍ୱ ହେଉଛି ବିଶ୍ୱକର୍ମାଙ୍କ ମାନସ ସନ୍ତାନ। ତାଙ୍କରି ହାତରେ ପୂରା ବ୍ରହ୍ମାଣ୍ଡର ନିର୍ମାଣ । କେବଳ ସେତିକି ନୁହେଁ, ଲଙ୍କାପତି ରାବଣ ବିଶ୍ୱକର୍ମାଙ୍କୁ ସନ୍ତୁଷ୍ଟ କରି ସୁନାର ଲଙ୍କା ତାଙ୍କ ହାତରେ ନିର୍ମାଣ କରାଇଥିଲେ । ଏହାଛଡ଼ା ପୁଷ୍ପକ ବିମାନ, ଇନ୍ଦ୍ରଙ୍କ ବଜ୍ର ଏବଂ ପାଣ୍ଡବଙ୍କ ରହିବା ପାଇଁ ଇନ୍ଦ୍ରପ୍ରସ୍ଥ ନଗର ବିଶ୍ୱକର୍ମାଙ୍କ ସୃଷ୍ଟି । ଏସବୁ ବାଦ୍ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ଦ୍ୱାରିକା ନଗରୀର ସ୍ଥାପନା କରିଥିଲେ ବିଶ୍ୱକର୍ମା । ବିଶ୍ୱକର୍ମା ନିଜେ ଶିଳ୍ପୀ ନୁହଁନ୍ତି, ସେ ଶିଳ୍ପୀ ସମାଜର ସ୍ରଷ୍ଟା। ମର୍ତ୍ତ୍ୟଲୋକରେ ମଧ୍ୟ ନିର୍ମାଣ ହୋଇଥିବା ବଢେଇଙ୍କ ଯନ୍ତ୍ରପାତି, କଳକାରଖାନା, ମେସିନ୍ ଆଦି ବିଶ୍ୱକର୍ମାଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ନିର୍ମାଣ ବୋଲି ବିଶ୍ୱାସ ରହିଛି ।

ସେଥିପାଇଁ ପ୍ରତିବର୍ଷ ଏହି ତିଥିରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଥାଏ ଏବଂ ଯନ୍ତ୍ରପାତିକୁ କୃତଜ୍ଞତା ଜଣାଇ ବିରାମ ଦିଆଯାଇଥାଏ। କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ନିର୍ମାଣର ଅଧିଦେବତା ଭଗବାନ ବିଶ୍ୱକର୍ମାଙ୍କୁ ସମଗ୍ର ଭାରତ ଏବଂ ନେପାଳରେ ପୂଜା କରାଯାଏ। ଆମ ଧର୍ମରେ ତେତିଶ କୋଟି ଦେବାଦେବୀ ରହିଛନ୍ତି। ତନ୍ମଧ୍ୟରୁ ବିଶ୍ୱକର୍ମା ହେଉଛନ୍ତି... ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଅଂଶ। ସେ ହେଉଛନ୍ତି ଦେବୀଶିଳ୍ପୀ ବା ସୃଜନର ପ୍ରତୀକ । ସେଥିପାଇଁ ଆଜିର ମାନବ ସମାଜ ତାଙ୍କ ଚରଣାରବିନ୍ଦରେ ଭକ୍ତି ଅର୍ପଣ କରି.... ଦୈବୀ ଶିଳ୍ପୀଙ୍କୁ କହେ "ହେ ମହାନ ସ୍ରଷ୍ଟା... ସୁନ୍ଦର ଭାବେ ଗଢିଦିଅ ଏ ସୃଷ୍ଟିକୁ... ଆହୁରି ସୁନ୍ଦର କରିଦିଅ ।" ବିଶ୍ୱକର୍ମା ହେଉଛନ୍ତି ବୈଦିକ ଦେବତା । ଋଗବେଦ ଅନୁସାରେ ବିଶ୍ୱକର୍ମା, ବିଶ୍ୱର ଦୈବୀଯନ୍ତ୍ରୀ । ଉପନିଷଦରେ ବର୍ଣ୍ଣିତ 'ବ୍ରାହ୍ମଣ' ଏବଂ 'ପୁରୁଷ' ଚିନ୍ତାଧାରାର ପ୍ରବର୍ତ୍ତକ ମଧ୍ୟ ବିଶ୍ୱକର୍ମା।

ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା ।

ପୁରାଣମତେ ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ମତାନ୍ତରେ ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ। ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହେଇଥାନ୍ତି। ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ । ସେ ଜ୍ଞାନ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ୍ୟ କିଶୋର ପରି ପ୍ରତିଭାତ । ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି । ବିଶ୍ୱକର୍ମା ସକଳ ଶିଳ୍ପକଳାର ଜନକ । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ । ଦେବତାମାନଙ୍କର ସମସ୍ତ ଶସ୍ତ୍ର ବିମାନ ଆଦି ଏହାଙ୍କଦ୍ୱାରା ନିର୍ମିତ । ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ ।

ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି । ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା। ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ । ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହିପରି ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରାଯାଏ । ଅବତାର ଓ ପଞ୍ଚମୁଖ:- ଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର କଥା ବର୍ଣ୍ଣନା କରାଯାଇଛି। ସେ ପାଞ୍ଚ ଅବତାର ହେଲେ ବିରାଟ ବିଶ୍ୱକର୍ମା, ଧର୍ମବଂଶୀ ବିଶ୍ୱକର୍ମା, ଅଗ୍ନିବଂଶୀ ବିଶ୍ୱକର୍ମା, ସୁଧନ୍ୱା ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା । ସ୍କନ୍ଦ ପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ । ବିଶ୍ୱକର୍ମାଙ୍କର ପଞ୍ଚମୁଖ ତଥା ତାଙ୍କର ପଞ୍ଚପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ ଏମାନେ ଜଣେ ଜଣେ ସମାଜର ହିତକାରୀ ପ୍ରଚଣ୍ଡ ଦିବ୍ୟ ମହର୍ଷି ଅଟନ୍ତି। ଏହି ପଞ୍ଚମୁଖର ନାମକରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିଥିଲେ। ମନୁ ଋଷି ବିଶ୍ୱକର୍ମାଙ୍କ ଜ୍ୟେଷ୍ଠ ପୁତ୍ର, ତାଙ୍କର ବିବାହ ଅଙ୍ଗିରା ଋଷିଙ୍କ କନ୍ୟା ସମ୍ପାଙ୍କ ସହିତ ହୋଇଥିଲା । ଦ୍ୱିତୀୟ ପୁତ୍ର ମୟ ଋଷି, ତାଙ୍କର ବିବାହ ପରାଶର ଋଷିଙ୍କ କନ୍ୟା ସୌମ୍ୟା ସହିତ ହୋଇଥିଲା । ତୃତୀୟ ପୁତ୍ର ତ୍ୱଷ୍ଟା ଋଷି, ତାଙ୍କର ବିବାହ କୌଷିକ ଋଷିଙ୍କ କନ୍ୟା ଜୟନ୍ତୀଙ୍କ ସହ ହୋଇଥିଲା । ଚତୁର୍ଥ ପୁତ୍ର ଶିଳ୍ପୀ ଋଷି , ତାଙ୍କର ବିବାହ ଭୃଗୁ ଋଷିଙ୍କ କନ୍ୟା କରୁଣାଙ୍କ ସହିତ ହୋଇଥିଲା। ପଞ୍ଚମ ପୁତ୍ର ଦେବଜ୍ଞ ଋଷି , ତାଙ୍କର ବିବାହ ଜୈମିନୀ ଋଷିଙ୍କ କନ୍ୟା ଚନ୍ଦ୍ରିକାଙ୍କ ସହିତ ହୋଇଥିଲା । ତାଙ୍କ କୃପା ବଳରେ ବିଭିନ୍ନ ଜ୍ଞାନ କୌଶଳରେ ନୂଆ ନୂଆ ଜିନିଷ ଉଦ୍ଭାବନ ହୁଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି।

'ତସ୍ମିନ୍ ଗୋଦାବରୀ ତୀର୍ଥେ ପ୍ରସୂତା ତନୟଂ ନଳମ୍ /ଜାତୋଦ୍ଧପତ୍ୟ କପିତ୍ୱାତ୍ ଚ ବିଶ୍ୱକର୍ମଣ୍ୟପ୍ୟପ୍ୟୁଦ୍ୱାତ୍। (ବାମନ ପୁରାଣ - ୬୫ / ୧୫୪) ବାନର ସେନାପତି ନଳ, ଯେଉଁ ପଥର ଖଣ୍ଡକୁ ସ୍ପର୍ଶ କରୁଥିଲେ, ତାହା ହାଲୁକା ହୋଇ ପାଣିରେ ଭାସୁଥିଲା। ନଳ ପଥରମାନଙ୍କୁ ସ୍ପର୍ଶ କରିବାପରେ ସେହି ଭାସମାନ ପଥରଦ୍ୱାରା ରାମଚନ୍ଦ୍ର ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ସମୁଦ୍ରକୁ ପାର ହୋଇ ଲଙ୍କା ଗଡ଼ରେ ପହଞ୍ଚିଥିଲେ। ବିଶ୍ୱକର୍ମାଙ୍କର ଏକପୁତ୍ରୀ ଚିତ୍ରାଙ୍ଗଦା ରାଜା ସୁରଥଙ୍କୁ ବିବାହ କରିଥିଲେ। ପୌରାଣିକ କଥା ଅନୁସାରେ ଦେବଶିଳ୍ପୀ ବିଶ୍ୱକର୍ମା ବା ତ୍ୱଷ୍ଟାଙ୍କୁ ଅଗ୍ନିଦେବତା ଭାବେ ସ୍ୱୀକାର କରାଯାଇଥାଏ । ଯାହାଙ୍କର ତ୍ରିଶିରା ନାମକ ପୁତ୍ର ତଥା ସଂଜ୍ଞା ନାମକ କନ୍ୟା ଥିଲେ । ସଂଜ୍ଞାଙ୍କୁ ସୂର୍ଯ୍ୟଙ୍କ ସହ ସେ ବିବାହ ସଂପନ୍ନ କରାଇଥିଲେ । ସୂର୍ଯ୍ୟଙ୍କ ପ୍ରଚଣ୍ଡ ତେଜରାଶିକୁ ସଂଜ୍ଞା ସହି ନପାରିବାରୁ ତ୍ୱଷ୍ଟା ବିଶ୍ୱକର୍ମା ୧୦୮ ସୂର୍ଯ୍ୟସ୍ତୋତ୍ର ପାଠକରି ସୂର୍ଯ୍ୟଙ୍କୁ ପ୍ରସନ୍ନ କରିଥିବା କଥା ନରସିଂହ ପୁରାଣରେ ବର୍ଣ୍ଣିତ ହୋଇଅଛି।

ରାମାୟଣ ବର୍ଣ୍ଣନା ଅନୁସାରେ ରାବଣର ସ୍ୱର୍ଣ୍ଣ ଲଙ୍କାପୁର, ହରିବଂଶ ବର୍ଣ୍ଣନା ଅନୁସାରେ ଦ୍ୱାରିକାଧାମ, ସ୍କନ୍ଦପୁରାଣ ବର୍ଣ୍ଣନା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ବିଗ୍ରହ ଆଦି ବିଶ୍ୱକର୍ମାଙ୍କଦ୍ୱାରା ନିର୍ମିତ । ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଆସି ଭକ୍ତର ମନୋବାଞ୍ଛା ପୂରଣ କରନ୍ତି। ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା" । ସେ ବାସ୍ତୁ ଶାସ୍ତ୍ରର ଜନକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022    ସମ୍ପାଦକ : ଜୟାଶୀଷ ରାୟ



# ରକ୍ଷଣାବେକ୍ଷଣ ଅଭାବରୁ ଘାଇ ଅବସ୍ଥା ଶୋଚନୀୟ:ଜଳସେଚନରେ ବାଧା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ କ୍ଷୁଦ୍ର ଜଳସେଚନ ଉପବିଭାଜନ ଅଧିନରେ ବାଲିଗୁଡ଼ା ବ୍ଲକ ସମେତ ତୁମୁଡିବନ୍ଧ, କୋଟଗଡ ଓ କ.ନୂଆଗାଁ ଅଞ୍ଚଳରେ ଥିବା ଘାଇ ଗୁଡ଼ିକର ରକ୍ଷଣା ବେକ୍ଷଣ ଅଭାବରୁ ଭଙ୍ଗାରୁଜା ଅବସ୍ଥାରେ ରହିଥିବାରୁ ଜଳସେଚନ ବାଧାପ୍ରାପ୍ତ ହେଉଥିବା ବିଷୟ ଚାଷୀମାନେ ଅଭିଯୋଗ କରି ଚିନ୍ତାରେ ରହିଛନ୍ତି । ଏହି କାର୍ଯ୍ୟାଳୟ ଅଧୀନରେ ରହିଛି ୧୨ଟି ଘାଇ । କିନ୍ତୁ ଘାଇ ଗୁଡ଼ିକର ନିୟମିତ ରକ୍ଷଣା ବେକ୍ଷଣ ଅଭାବରୁ ବାଲିଗୁଡ଼ା ବ୍ଲକ ଲଣ୍ଡାଗାଁ ପଞ୍ଚାୟତର ଚାଙ୍ଗୁଡ଼ୁକାଲି ଓ ବାଲିଗୁଡ଼ା ସହରରେ ଥିବା ଜାପିମାସ୍କା ଘାଇ ଭଗ୍ନ ଅବସ୍ଥାରେ ରହିଛି । କେନାଲ ସାହାଯ୍ୟରେ ଜଳସେଚନ ହୋଇପାରୁନି । ସେହିଭଳି ଚାଙ୍ଗୁଡ଼ୁକାଲି ଘାଇରେ ମଧ୍ୟ କେନାଲ୍ ଭାଙ୍ଗି ରାସ୍ତା ଉପରେ ପାଣି ଯାଉଛି । ତୁମୁଡିବନ୍ଧ ବ୍ଲକ ଲାଲିଆଚାଞ୍ଚୁଡ ଘାଇଟିର କାମ ଅଧାପନ୍ତରିଆ ଅବସ୍ଥା ରହିଥିବା ବେଳେ କୋଟଗଡ ବ୍ଲକରେ ମଧ୍ୟ ଗୋଟିଏ ଘାଇର ରକ୍ଷଣାବେକ୍ଷଣ ଅଭାବରୁ ଅତି ଶୋଚନୀୟ ଅବସ୍ଥାରେ ପରିଣତ ହୋଇଛି । କ.ନୂଆଗାଁ ବ୍ଲକରେ ବିଲାବାଡି, ଗୁଲବାଣ୍ଡି, ଫୁଲିବାଡି, କଟାରୀ, ସାରଙ୍ଗଡ ଓ ସିରିଗୁଡ଼ା ଗ୍ରାମର ୭ଟି ଘାଇ ରହିଛି । ସମସ୍ତ ଘାଇ ଗୁଡ଼ିକର ରକ୍ଷଣା ବେକ୍ଷଣ ଅଭାବରୁ ଭଗ୍ନ ଅବସ୍ଥାରେ ରହିଥିବାରୁ କେନାଲ ସାହାଯ୍ୟରେ ପାଣି ଯାଇପାରୁନାହିଁ । ଫଳରେ ଚାଷ କାର୍ଯ୍ୟରେ ବାଧା ଉପୁଜୁଛି । ନିୟମିତ ପାଣି ମିଳୁନଥିବାରୁ ବାଲିଗୁଡା ଉପଖଣ୍ଡ ଅଞ୍ଚଳର ଚାଷୀମାନେ ବାଧ ହୋଇ କେବଳ ବର୍ଷା ଦିନିଆ ଚାଷ କରୁଛନ୍ତି । ବାଲିଗୁଡ଼ା କ୍ଷୁଦ୍ର ଜଳସେଚନ ଉପବିଭାଜନ, ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ପରିସର ଲଟାବୁଦା ହୋଇ ଭୂତକୋଠି ପାଲଟି ଯାଇଛି । ଏକାଧିକ କର୍ମଚାରୀ ମାନଙ୍କର ବାସଭବନ ଗୁଡ଼ିକ ଭଗ୍ନ ଅବସ୍ଥାରେ ରହିଛି । ଏହି ଦାୟିତ୍ୱରେ ଥିବା ବଲାଙ୍ଗିର ସହକାରୀ ଯନ୍ତ୍ରୀ ମହେନ୍ଦ୍ର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି ଆମେ ମାର୍ଚ୍ଚ ମାସ ପୂର୍ବରୁ ସମସ୍ତ ଘାଇର ପୁନରୁଦ୍ଧାର ପାଇଁ ଖର୍ଚ୍ଚ ଆକଳନ କରି ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଇଛୁ । ତାହା ମଞ୍ଜୁର ହୋଇ ଆସିଲେ କାର୍ଯ୍ୟ ଆରମ୍ଭ ହେବ । ଅନ୍ୟପଟେ ଘାଇ ଗୁଡ଼ିକର ଶୀଘ୍ର ପୁନରୁଦ୍ଧାର କରି କେନାଲ ସାହାଯ୍ୟରେ ଜମିକୁ ଜଳଯୋଗାଣ କରିବାକୁ ଚାଷୀ ମହଲରୁ ପ୍ରବଳ ଦାବି ହେଉଛି ।

## କାର୍ଯ୍ୟରେ ଅବହେଳା ଯୋଗୁଁ ୪ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟରେ ଅବହେଳା ଲକ୍ଷ୍ୟ କରି ୪ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ସହ ଜଣେ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଗୁଞ୍ଜୁସାହି କ୍ଲଷ୍ଟରର ଶିକାରଘାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଓ ଚନ୍ଦନପୁର କ୍ଲଷ୍ଟରର ଚନ୍ଦାବିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଜଣ ଶିକ୍ଷୟିତ୍ରୀ ବାରମ୍ବାର କାର୍ଯ୍ୟରେ ଅବହେଳା କରିଥିବାରୁ ସେମାନଙ୍କର ସେପ୍ଟେମ୍ବର ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି ବୋଲି ଶ୍ରୀ ପ୍ରଧାନ ଜଣାଇଛନ୍ତି । ତତ୍‌ସହିତ ବୈଦିପୁର ପ୍ରାଥମିକ ବିଦ୍ୟାଳୟର ଜନୈକ ଶିକ୍ଷକଙ୍କୁ ମଧ୍ୟ ପ୍ରଥମ ଥର କାର୍ଯ୍ୟରେ ଅବହେଳା କରିଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ବାରିପଦା ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଶିକ୍ଷକ । ଶିକ୍ଷୟିତ୍ରୀ ମାନଙ୍କ ଉପରେ ନ୍ୟସ୍ତ ଥିବାରୁ ନିଜ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ମଧ୍ୟ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି ।

# ସେପ୍ଟେମ୍ବର ଅଧା ଟପିଲା:ସ୍କୁଲ୍ ପିଲାଙ୍କୁ ମିଳିଲାନି ୟୁନିଫର୍ମ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ବର୍ଷ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନୂଆ ୟୁନିଫର୍ମ ପିନ୍ଧି ସ୍କୁଲ୍‌କୁ ଆସିଥାନ୍ତି । କିନ୍ତୁ ଚଳିତବର୍ଷ ୟୁନିଫର୍ମ ଯୋଗାଣର ନିୟମ ବଦଳି ଯିବାରୁ ୟୁନିଫର୍ମ ପାଇବାରେ ଅବ୍ୟବସ୍ଥା ଦେଖାଦେଇଛି । ରାଜ୍ୟ ସରକାର ମିଶନ ଶକ୍ତିକୁ ପ୍ରାଧାନ୍ୟତା ଦେବା ଲାଗି ମିଶନ ଶକ୍ତି ବିଦ୍ୟାଳୟ ମାନଙ୍କରେ ୟୁନିଫର୍ମ ଯୋଗାଇଦେବା ଲାଗି ନିୟମ ରହିବାରୁ ସାରା ଜିଲ୍ଲାରେ ମହିଳା ସଂଘ ସହାୟକ ଗୋଷ୍ଠୀ ୟୁନିଫର୍ମ ଯୋଗାଇ ଦେବା ଲାଗି ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ କୋଟେସନ୍ ପକାଇଛନ୍ତି ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀ । ମୁଖ୍ୟତଃ ଯେଉଁମାନେ ପୋଷାକ ସିଲେଇ କରି ଯୋଗାଣ କରୁଛନ୍ତି ସେମାନେ ଯୋଗାଇବା କଥା । ଜିଲ୍ଲାରେ ଅଧିକାଂଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ସିଲେଇ ଉତ୍ପାଦନ କେନ୍ଦ୍ର ନାହିଁ । ଟଙ୍କା ପାଇବା ଲୋଭରେ ଓ ଅଧିକ ଲାଭ ପାଇବା ଆଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ପ୍ରତିଯୋଗିତାମୂଳକ ଭାବେ ପୋଷାକ ଯୋଗାଇଦେବା ଲାଗି ଜିଲ୍ଲାର ୧୪ ବ୍ଲକର ବ୍ଲକ ଶିକ୍ଷାଧିକାରୀମାନଙ୍କୁ ନିକଟରେ ୟୁନିଫର୍ମ ଯୋଗାଇଦେବା ଲାଗି କୋଟେସନ୍ ପକାଇଛନ୍ତି । ବ୍ଲକ ଶିକ୍ଷାଧିକାରୀମାନେ ସ୍ୱୟଂସହାୟକ ଗୋଷ୍ଠୀର ପ୍ରତିଯୋଗିତାକୁ ନେଇ ଶିକ୍ଷାଧିକାରୀମାନେ ବିବ୍ରତ ହେବା ସହିତ ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଖରେ ୟୁନିଫର୍ମ ସିଲେଇ କରୁନାହାନ୍ତି । କିନ୍ତୁ ସେମାନେ ଅଧିକ ଲାଭ ଆଶାରେ ସ୍କୁଲମାନଙ୍କରେ ୟୁନିଫର୍ମ ଯୋଗାଇ ଦେବା ଲାଗି ଆବେଦନ କରିଛନ୍ତି । କିନ୍ତୁ ବାସ୍ତବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ୟୁନିଫର୍ମ କେଉଁଠାରୁ ଆଣିବେ ଓ କେତେ ଲାଭ ରଖି ବିଦ୍ୟାଳୟମାନଙ୍କୁ ୟୁନିଫର୍ମ ଦେବେ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୟୁନିଫର୍ମ ପାଇବେ ଏକ ଜଟିଳ ସମସ୍ୟା ଉପୁଜିଛି । ଦେଖିବାକୁ ଗଲେ ପୂର୍ବବର୍ଷ ମାନଙ୍କରେ ୟୁନିଫର୍ମ ଯୋଗାଯାଉଥିଲା । ବିଦ୍ୟାଳୟ ପରିଚାଳନା କମିଟି ଜରିଆରେ ଏହି କାର୍ଯ୍ୟ ହେଉଥିଲା । ବିଦ୍ୟାଳୟ ପରିଚାଳନା କମିଟି ପ୍ରଧାନଶିକ୍ଷକ କମିଶନ ବେପାରୀ କରି କେଉଁଠୁ କେତେ କମିଶନ ମିଳିବ ସେହି ଅନୁସାରେ ସେମାନେ ଯୋଗାଣକାରୀ ସଂସ୍ଥା ନିରୂପଣ କରୁଥିଲେ । ଫଳରେ ଅଧିକ ଲାଭ ଲାଗି କମିଶନ କାରବାରରେ ନିମ୍ନମାନର ୟୁନିଫର୍ମ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗାଉଥିଲେ । ଏବେ ସେହି ପରିସ୍ଥିତି ନାହିଁ, ତାଠାରୁ ଅଧିକ କମିଶନ ବେପାର ହେବାର ସମ୍ଭାବନା ଦେଖାଦେଇଛି । ଗୋଟିଏ ପକ୍ଷରେ ଜିଲ୍ଲାର ଅଧିକାଂଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୟୁନିଫର୍ମ ତିଆରି କରୁନାହାନ୍ତି । ସେମାନେ ନିକଟସ୍ଥ ଦୋକାନରୁ ଖରିଦ୍ କରିବେ । ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ପରାମର୍ଶ କରି ଦେବେ । ଏହା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତା'ର ଲାଭ ରଖିବା ସହିତ ଦୋକାନୀ ମଧ୍ୟ ତା'ର କମିଶନ ରଖିବେ । ତୃତୀୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ବା ପରିଚାଳନା କମିଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ କମିଶନ ରଖିବେ । ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଣରେ ସିଂହଭାଗ କମିଶନ କାରବାରରେ ଯିବ । ଫଳରେ ଛାତ୍ରଛାତ୍ରୀମାନେ ଠିକ୍ ମାନର ୟୁନିଫର୍ମ ପାଇବେ ନାହିଁ ବୋଲି ଜଣାପଡିଛି । ୟୁନିଫର୍ମକୁ ନେଇ ଯେଉଁ ରାଜନୀତି ଚାଲିଛି ତାହା ଦ୍ୱାରା ହଜାର ହଜାର ଛାତ୍ରଛାତ୍ରୀ ନିମ୍ନମାନର ପୋଷାକ ପାଇବେ । ତା ସହିତ ୟୁନିଫର୍ମ ପାଇବାରେ ଅହେତୁକ ବିଳମ୍ବ ଦେଖାଦେଇଛି । ତେଣୁ ଏଭଳି କିସମର ପ୍ରକ୍ରିୟାରୁ ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀ ୟୁନିଫର୍ମ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହି ୟୁନିଫର୍ମ ଯୋଗାଣରେ ବ୍ୟାପକ ହରିଲୁଟ୍ ହେବାର ଆଶଙ୍କା ଦେଖାଦେଇଛି । ଛାତ୍ରଛାତ୍ରୀମାନେ ଭଲ ପିନ୍ଧିବୁ କି ନପିନ୍ଧୁ ଥିଲେ କାହାର କିଛି ଯାଉ ନାହିଁ । ଏହା ସହିତ ଜିଲ୍ଲା ଶିକ୍ଷା ବିଭାଗର ଏହା ଉପରେ କୌଣସି ଲଗାମ୍ ରହୁନାହିଁ । ପ୍ରତି ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପିନ୍ଧିଥିବା ଫଟୋ ଓ ୟୁନିଫର୍ମ ଲାଗି ଆସିଥିବା ଅନୁଦାନର ୟୁସି ଦେଲେ ଶିକ୍ଷା ବିଭାଗ ନିଜ ଦାୟିତ୍ୱ ଶେଷ କରୁଛି । ତେଣୁ ଛାତ୍ରଛାତ୍ରୀ କିପରି ଭଲ ଉଚ୍ଚ ମାନର ୟୁନିଫର୍ମ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

# ନକଲି ପଟାସ ସାର ଦେଇ ଚାଷୀଙ୍କୁ ଠକୁଛି ବେପାରୀ

**କୋରାଇ, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଧାନ ତଳି ରୁଆ କାର୍ଯ୍ୟ ସରିଛି । ଏବେ ଚାଷୀ କ୍ଷେତରେ ସାର ପକାଇବା ଆରମ୍ଭ କରିଛି । ଏହି ସମୟରେ ବେପାରୀମାନେ ନକଲି ସାର ଦେଇ ଚାଷୀମାନଙ୍କୁ ଠକୁଥିବାର ଅଭିଯୋଗ ଦେଖିବାକୁ ମିଳିଛି । ବିଶେଷ କରି ପଟାସ ସାରରେ ଅଧାରୁ ଅଧିକ ବାଲି ବାହାରୁଛି । ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡିଛି । ହେଲେ କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ସାର ଗୋଦାମ ବା ଦୋକାନ ଯାଞ୍ଚ କରୁନାହାନ୍ତି । ଯାହାଫଳରେ ବେପାରୀମାନେ ଚାଷୀଙ୍କୁ ନକଲି ସାର ଯୋଗାଇ ମାଲେମାଲ୍ ହେଉଛନ୍ତି । ଅପରପକ୍ଷେ ଚାଷୀଟି ଧାରକରଜ କରି ସାର କିଣି ଅଧିକ ଅମଳ ଆଶାରେ କ୍ଷେତରେ ପକାଉଥିବା ବେଳେ ସାର ବଦଳରେ ବାଲି ଥିବା ଫଳରେ କେମିତି ଅଧିକ ଅମଳ ଦେବ ସେ ନେଇ ଚିନ୍ତାରେ ରହିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତରେ । ଏହି ପଞ୍ଚାୟତର ସୋଡି ଗ୍ରାମର ଚାଷୀ ସୁଶାନ୍ତ ମାଝୀ ଓ ଜଡ଼ା ମାଝୀ ଗୋଳେଇପୁର ଛକରୁ ବସ୍ତା ପ୍ରତି ୧୨୨୦ ଟଙ୍କା ଦରରେ ପଟାସ ସାର କିଣିଥିଲେ । ଚାଷ ଜମିରେ ସାର ପକାଇବା ବେଳକୁ ଅର୍ଦ୍ଧାଧିକ ବାଲି ଦେଖିବାକୁ ପାଇଛନ୍ତି । ପାଣିରେ ରଙ୍ଗ ଧୋଇ ହୋଇଯିବା ପରେ କେବଳ ବାଲି ରହିଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଅସାଧୁ ବ୍ୟବସାୟୀଙ୍କ ଉପରେ କାଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# କଟକ ଜିଲ୍ଲାରେ କୌଶଳ ରଥ ଉଦ୍‌ଘାଟିତ




**କଟକ, ନ୍ୟୁଜ୍ ବ୍ୟୁରୋ**

ଦକ୍ଷ ଓଡ଼ିଶା, ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ଶୁକ୍ରବାର କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ 'କୌଶଳ ରଥ'ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ଖପୁରିଆ ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରୁ ଏହି ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିଭ୍ରମଣ କରି ରାଜ୍ୟର ଦକ୍ଷତା ପରିବେଷ୍ଟନୀ ତନ୍ତ୍ର ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ । ଏହି ରଥ ହେଉଛି ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଭ୍ରାମ୍ୟମାଣ କାଉନ୍‌ସେଲିଂ କେନ୍ଦ୍ର । ଏହି ରଥରେ ବିଭିନ୍ନ ପ୍ରକଳ୍ପ ସ୍ଥାନିତ ହୋଇଛି । ଛାତ୍ରଛାତ୍ରୀମାନେ ଏହି ପ୍ରକଳ୍ପ ସବୁ ବୁଲି ଦେଖିବା ସହ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ସବିଶେଷ ଜ୍ଞାନ ହାସଲ କରିପାରିବେ । ଏଥିସହ ରଥରେ ଥିବା ଶିକ୍ଷକମାନଙ୍କ ଠାରୁ ବିଭିନ୍ନ ଦକ୍ଷତା ବା ବୃତ୍ତି ଚୟନ ସମ୍ପର୍କରେ ମଧ୍ୟ ସୂଚନା ପାଇପାରିବେ । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଦକ୍ଷତା ରଥ ବୁଲି ଦେଖିବା ସହ ଛାତ୍ରଛାତ୍ରୀମାନେ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପ୍ରଶାସନ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ଓ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ମମତା ବେହେରା, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ସିବ କୁମାର ରାୟସିଂ, ଉପାଧକ୍ଷ ସୁବାସ ଚନ୍ଦ୍ର ଲେଙ୍କା, ତାଲିମ ଅଧିକାରୀ ଭୂଦେବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନ ଶୁଣିଲାନି:ଗ୍ରାମବାସୀ କଲେ ହାଇମାକ୍ସ ଲାଇଟ୍ ମରାମତି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସରକାର ପଞ୍ଚାୟତକୁ ବିଭିନ୍ନ କ୍ଷମତା ଦେଇଥିଲେ ବି ସରପଞ୍ଚମାନେ ତାଙ୍କ ପଦବୀକୁ ନେଇ ବିଭିନ୍ନ ଦୁର୍ନୀତି କରୁଛନ୍ତି । ପ୍ରକାଶଥାଉକି ଗୋବିନ୍ଦପୁର ପଞ୍ଚାୟତ ଅଧିନସ୍ତ ଗୋବିନ୍ଦପୁର ବଜାର, ଗ୍ରାମ ପଞ୍ଚାୟତ ଅଫିସ, ମୁଖ୍ୟ ଡାକଘର, ବିଦ୍ୟାଳୟ ରହିଛି । ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ଭିଡ଼ ବି ଦେଖିବାକୁ ମିଳେ । ହେଲେ ଦୀର୍ଘ ଦିନ ହେବ ଗୋବିନ୍ଦପୁର ବଜାରରେ ଥିବା ହାଇମାକ୍ସ ଆଲୋକ ଅଚଳ ହୋଇ ପଡ଼ିରହିଥିବାରୁ ସେଥିଲାଗି ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହି ସମସ୍ୟାକୁ ସମାଧାନ କରିବା ପାଇଁ ପରିଶେଷରେ ଗୋବିନ୍ଦପୁର ବଣିକ ସଂଘର ସଦସ୍ୟଙ୍କ ଦ୍ୱାରା ହାଇମାକ୍ସ ଲାଇଟ୍‌ର ମରାମତି କରାଯାଇଛି । ମାତ୍ର ଆଲୋକର ଅଭାବ ଯୋଗୁଁ ବିଭିନ୍ନ ଛୋଟ ମୋଟ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଥିଲା । ଏହାଛଡ଼ା ଚୋରି, ଡକାୟତି ଆଦି ଲୁଟ୍‌ପାଟ୍‌ର ଭୟ ମଧ୍ୟ ରହୁଥିଲା । ମାତ୍ର ବର୍ତମାନ ଏହାର ମରାମତି କରାଯାଇଛି । ଏଥିଲାଗି ଗୋବିନ୍ଦପୁର ବଣିକ ସଂଘର ସଭାପତି ବାଇଧର ବସନ୍ତିଆ, ଘନଶ୍ୟାମ ସେଠୀ, କାଳନ୍ଦୀ ସାହୁ, ରଥ ପ୍ରସାଦ ସେଠୀ, ଚନ୍ଦ୍ରମଣି ଜେନା, ହରିମୋହନ ଜେନା, ଶଶଧର ଦାସ, ବଳରାମ ବସନ୍ତିଆ ପ୍ରମୁଖ ମିଶି ହାଇମାକ୍ସ ଲାଇଟ୍‌ର ମରାମତି କରିଛନ୍ତି । ଯାହାକୁ ପ୍ରଶାସନ କରିବା କଥା ତାହାକୁ ବଣିକ ସଂଘ କରି ଦେଖାଇଲା । ଆଗକୁ ମଧ୍ୟ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ବଣିକ ସଂଘର କର୍ମକର୍ତ୍ତା କହିଛନ୍ତି ।

# ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାରର ସମ୍ପୂର୍ଣ୍ଣ ବିଲୋପ କରାଯାଉ




**ବାଲେଶ୍ୱର, ନ୍ୟୁଜ୍**

ବିଭିନ୍ନ ସାମାଜିକ ସମସ୍ୟାକୁ ଦୂର କରିବାର ପ୍ରୟାସ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅବିରତ ଚେଷ୍ଟିତ । ବାଲ୍ୟ ବିବାହ ଭଳି ଏକ ସାମାଜିକ କୁସଂସ୍କାର ଦୂର କରିବା ପାଇଁ ଉଦ୍ଦିଷ୍ଟ ଏକ ଦିନିକିଆ କର୍ମଶାଳାର ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଦ୍ୱାରା ଆୟୋଜିତ ତଥା ୟୁନିସେଫ୍ ସଂଗଠନର ସହଯୋଗରେ ଏହି କର୍ମଶାଳାର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ୟୁନିସେଫ ସଂଗଠନର ସାମାଜିକ ଏବଂ ଆଚରଣ ପରିବର୍ତ୍ତନ ବିଶେଷଜ୍ଞ ଭାବରେ ସୁଜାତା ରାୟ, ୟୁନିସେଫର ଶିଶୁ ସୁରକ୍ଷା ବିଶେଷଜ୍ଞ ମାଓ୍ୱା ବିଶ୍ୱାସ, ଓ ଆକ୍ସନ ଏଡ୍ ଇଣ୍ଡିଆ ଅନୁଷ୍ଠାନର ଜାତୀୟ ପ୍ରୋଗ୍ରାମ ମ୍ୟାନେଜର ତଥା ଶିଶୁ ଅଧିକାର ବିଶେଷଜ୍ଞ ଘାସିରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ପ୍ରଫେସର ଡ଼କ୍ଟର ଭାରତୀ ବାଳା ପଟ୍ଟନାୟକ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ ଆୟୋଜିତ କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହ ଅତିଥିଗଣ ଭାରତର ବିଭିନ୍ନ ପ୍ରଦେଶ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାଲ୍ୟ ବିବାହର ପ୍ରକୃତ ସ୍ଥିତିକୁ ପର୍ଯ୍ୟବେକ୍ଷଣ ଆଧାରରେ ପରିସଂଖ୍ୟାନ ସୂଚନା ପ୍ରଦାନ କରିଥିଲେ । ଏହି କର୍ମଶାଳାର ନିଷ୍କର୍ଷକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଗଣ ଯୋଗାଯୋଗ ବିଭାଗ, ଗଣମାଧ୍ୟମ ଓ ସମାଜସେବୀ ପ୍ରମୁଖଙ୍କ ଅତିରିକ୍ତ ଭୂମିକା ଗୁଡିକୁ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ବିଭିନ୍ନ ସାମାଜିକ ସମସ୍ୟା ଗୁଡିକର ପର୍ଯ୍ୟବେକ୍ଷଣ ଅଧ୍ୟୟନ, ଏହାର ଦୂରୀକରଣ, ତୃଣମୂଳ ସ୍ତରରେ କାର୍ଯ୍ୟକ୍ଷମ ଅନୁଷ୍ଠାନ ସହ ଅନୁବନ୍ଧନ ଇତ୍ୟାଦି ବିଭିନ୍ନ ଉପାୟରେ ବାଲ୍ୟ ବିବାହ ଉଚ୍ଛେଦ ପାଇଁ ଚେଷ୍ଟା କରିବା ନେଇ ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରାଯାଇଥିଲା । ବାଲ୍ୟ ବିବାହର କାରଣ ଓ ନିରାକରଣ ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀଙ୍କୁ ଏହି ପ୍ରସଙ୍ଗରେ ନିଜର ସାମାଜିକ ଉତ୍ତରଦାୟିତ୍ୱକୁ ନିର୍ବାହ କରିବାର ବିଭିନ୍ନ ଉପାୟ ଅବଲମ୍ବନ ସମ୍ପର୍କରେ ଅବଗତ କରାଯାଇଥିଲା । ଏହାସହିତ ଏହି ସାମାଜିକ କୁସଂସ୍କାର ଦୂର କରିବା ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ନିୟମ ଓ ଆଇନ୍‌ଗତ ପ୍ରକ୍ରିୟା ସମ୍ପର୍କିତ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା ।



# ଆଠଗଡ଼ର ବିକାଶ ପାଇଁ ବିଜେଡ଼ି ସହଯୋଗ କରିବ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ ଉପଜିଲ୍ଲାପାଳ ଭାବେ ପ୍ରହ୍ଲାଦ ନାରାୟଣ ଶର୍ମା ଯୋଗଦେବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଠଗଡ ବିଜୁ ଜନତା ଦଳ ପକ୍ଷରୁ ଦଳର ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ଅଧକ୍ଷତାରେ ଏକ ଦଳ ଉପଜିଲ୍ଲାପାଳ ଶ୍ରୀ ଶର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧନା ଦେଇଛନ୍ତି । ଏହାସହିତ ଆଠଗଡ ନିର୍ବାଚନ ମଣ୍ଡଳୀର ବିକାଶ ମୂଳକ କାର୍ଯ୍ୟମାନଙ୍କୁ ଆଗେଇ ନେବା ସହିତ ଏହାକୁ ରାଜ୍ୟର ଏକ ବିକଶିତ ନିର୍ବାଚନ ମଣ୍ଡଳୀ ଭାବେ ଗଢି ତୋଳିବାକୁ ଦଳ ପକ୍ଷରୁ ସମସ୍ତ ସହଯୋଗ ପ୍ରଶାସନକୁ ଯୋଗାଇ ଦିଆଯିବ ବୋଲି ସଭାପତି ଶ୍ରୀ ରାଉତ ପ୍ରକାଶ କରିଛନ୍ତି । ଦଳର ବ୍ଲକ ସଭାପତିଙ୍କ ସମେତ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁନିଲ କୁମାର ପରିଡା, ଜିଲ୍ଲାପରିଷଦ ସଭ୍ୟା ୧ନଂ ଜୋନ୍‌ର ଅଶାନ୍ତି ବେହେରା, ୩ନଂର ବଳଭଦ୍ର ବାଘ, ହିନ୍ଦ୍ ମଜ୍‌ଦୁର୍ ସଭାର ସଭାପତି ଅଶୋକ କୁମାର ରାଉତ, ଦଳର ନଗର ସଭାପତି ଶିଶିର ପ୍ରସାଦ ମାନିସଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୨ ଲିଟର ମଦ ଜବତ:୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ତରଫରୁ ଚଢଉ କରାଯାଇଛି । ଚଢଉ କରି ୨ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ନିଳାଗୁଡାର ଲକ୍ଷ୍ମୀ ନାରାୟଣ ଦୁଆରୁ (୨୪) ଓ ଆକାଶ ଭଇଁଶା (୧୯) । ଅବକାରୀ ସୂଚନା ଅନୁଯାଇ ଏକ ବାଇକ୍‌ରେ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ନିଳାଗୁଡା ଗ୍ରାମ ରାସ୍ତାରେ ଚଢଉ କରି ଲକ୍ଷ୍ମୀ ନାରାୟଣ ଦୁଆରୁକୁ ଗିରଫ କରି ୨୨ ଲିଟର ଦେଶୀ ମଦ ଓ ବିନା ନମ୍ବରର ବାଇକ୍‌କୁ ଜବତ କରିଛି । ସେହିପରି ନିଳାଗୁଡା ଗ୍ରାମରେ ଚଢଉ କରି ଅକାଶ ଭଇଁଶା ଠାରୁ ୧୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଥିଲେ । ଏହି ଚଢଉରେ ନିରିକ୍ଷକ ଚନ୍ଦ୍ର ଶେଖର ପଢୀଆରି, ନିରିକ୍ଷକ ଶଶିକାନ୍ତ ଦତ, ଏସ୍‌ଆଇ ରାଜୁ କୁମାର ଖିତି, ଅବକାରୀ ଓଆଇସି ନିଳାଦ୍ରି ବିହାରି ମିଶ୍ର ଉପସ୍ଥିତ ଥିଲେ ।

## ଦୁଇ ମୋବାଇଲ ଲୁଟେରା କୋର୍ଟ ଚାଲାଣ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ମୋବାଇଲ୍ ଲୁଟ୍ ଅଭିଯୋଗରେ ଚମ୍ପୁଆ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁସାରେ, ଚମ୍ପୁଆ ବଜାର ନିକଟରେ ଥିବା ଜେସି ଜ୍ୱେଲେରୀ ନିକଟରୁ ଏକ ମୋବାଇଲ ଲୁଟ୍ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥଲା । ଏହି ଘଟଣାର ଛାନ୍‌ଭିନ୍ କରି ଚମ୍ପୁଆ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିବା ସହ ଚମ୍ପୁଆ ଥାନା କେସ୍ ନଂ ୨୪୭/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ୨ ଯୁବକ ହେଲେ ଚମ୍ପୁଆ ଥାନା କରଞ୍ଜିଆ ଗ୍ରାମର ତପନ କୁମାର ମହାନ୍ତ (୨୭) ଓ ଝାଡଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ବର୍ଲା ଗ୍ରାମର କମଳାକାନ୍ତ ମହାନ୍ତ (୨୯) । ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ସିବିଜେଡ ବାଇକ୍‌କୁ ଜବତ କରିବା ସହ ଲୁଟ୍ ହୋଇଥିବା ମୋବାଇଲ୍‌କୁ ଉଦ୍ଧାର କରିଥିବା ନେଇ ଚମ୍ପୁଆ ଥାନା ଅଧିକାରୀ ଅବିନାଶ ପରିଡ଼ା ସୂଚନା ଦେଇଛନ୍ତି ।

# ଶିକ୍ଷାର ବିକାଶ ନିମନ୍ତେ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଥିଲା । ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବ୍ଲକ ଶିକ୍ଷା ଅଧିକାରୀ ସଭାପତିତ୍ୱ କରିଥିବା ବେଳେ କଣ୍ଟାବାଞ୍ଜି ଏନଏସି ଉପାଧକ୍ଷା ମନୋରମା ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତକ୍ଷାର ଯୋଷୀ ମୁଖ୍ୟବକ୍ତା ଭାବେ ଯୋଗଦାନ୍ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ କାଉନ୍‌ସିଲର ମନୀଷ ଅଗ୍ରୱାଲ, ତୁରେକେଲ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି, କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟାବାଞ୍ଜି ପ୍ରଧାନ ଶିକ୍ଷକ ଅଶୋକ କୁମାର ତରିଆ ପ୍ରମୁଖ ମଞ୍ଚାସୀନ ଥିଲେ । ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ । ଆନ୍ତର୍ଜାତୀୟ ସ୍ୱାକ୍ଷରତା ଦିବସ ଅବସରରେ ମୁଖ୍ୟବକ୍ତା ଶ୍ରୀ ଯୋଷୀ ଶିକ୍ଷାର ବିକାଶ ବିଷୟରେ ନିଜ ବକ୍ତବ୍ୟ ରଖିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ପଢ଼ିଆରି ଭାରତ ସରକାରଙ୍କ ନିପୁଣ ଭାରତ ମିଶନ ଓ ଉଲ୍ଲାସ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତ ହୋଇଥିଲା । ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କ୍ରାଯାଇଥିଲା । ତୁରେକେଲା ବ୍ଲକର ପ୍ରାୟ ସମସ୍ତ ଗ୍ରାମରୁ ଯେଉଁ ୧୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ମହିଳା ପୁରୁଷମାନେ ନିରକ୍ଷର ଥିଲେ ଉଲ୍ଲାସ ମାଧ୍ୟମରେ ସ୍ୱାକ୍ଷର ହୋଇପାରିଲେ ସେମାନଙ୍କୁ ମଧ୍ୟ ସମ୍ମାନିତ କରାଗଲା । ଶେଷରେ କଣ୍ଟାବାଞ୍ଜି ନଗରରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସର ନାଗରିକ ମାନଙ୍କୁ ସଚେତନତା ପାଇଁ ଏକ ବିଶାଳ ପଦଯାତ୍ରା କରାଯାଇଥିଲା । ସିଆରସିସି ଧନ ସିଂ ମାଝୀ, ଅମରେନ୍ଦ୍ର ବାଗ, ଅନୁପ ଦାସ, ଗଜୟ ଦାସ, ଗୁରୁ ପ୍ରସାଦ ଛତ୍ରିଆ, ପ୍ରେମରାଜ ପାଣିଗ୍ରାହୀ, ମୋହନ ବରିହା, କୃତିବାସ ବରିହା, ଶିକ୍ଷକ କିଶୋର ବରିହା, କୃଷ୍ଣଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ:ଉପ ଜିଲ୍ଲାପାଳଙ୍କୁ ଭେଟିଲେ ସଭ୍ୟ/ସଭ୍ୟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରଜନଗର ବ୍ଲକ ଅନ୍ତର୍ଗତ ବେଲପାଳ ପଞ୍ଚାୟତରେ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ କରି ପଞ୍ଚାୟତର ୮ ଜଣ ସଭ୍ୟ/ସଭ୍ୟା ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ଗତ ୧୧ ତାରିଖ ନାୟବ ସରପଞ୍ଚ ନଳିନୀକାନ୍ତ କୁଣ୍ଡୁଙ୍କ ସଭାପତିତ୍ୱରେ ବେଲପାଳ ଗ୍ରାମଦେବୀ ସିଦ୍ଧ ବସୁଳାଇଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଛି । ଏହାର ଏକକିତା ନକଲ ୮ ଜଣ ସଭ୍ୟ/ସଭ୍ୟାଙ୍କର ହସ୍ତାକ୍ଷର ସହିତ ଉପ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଯାଇଛି । ଉପ ଜିଲ୍ଲାପାଳଙ୍କୁ ନାରାୟଣ ଜେନା, ଗୀତାଞ୍ଜଳୀ ଥାଟୋଇ, ମମତା ମଞ୍ଜରୀ ସେଠୀ, ନଳିନୀ କୁଣ୍ଡ, କଳ୍ପତରୁ ସାହୁ, ମିନତୀ ପ୍ରଧାନ, ରଙ୍ଗଲତା ଜେନା, ସନ୍ଧ୍ୟାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ଉପ ଜିଲ୍ଲାପାଳଙ୍କ ସହ ଅନାସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି ।



## ସେପ୍ଟେମ୍ବର ୨୩ ଓ ୨୪ରେ ହଜରତ ସରକାର ବାବାଙ୍କ ଫତେହ ଉତ୍ସବ

# ଭାଇଚାରା, ସଦ୍‌ଭାବ ଓ ଶାନ୍ତି ଶୃଙ୍ଖଳାର ସହ ଉତ୍ସବ ପାଳନ ଉପରେ ଗୁରୁତ୍ୱ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସରକାର ନଗର, ଭଦ୍ରକରେ ଅବସ୍ଥିତ ଖାନ୍‌କା ସରିଫ୍‌ରେ ହଜରତ ସରକାର ବାବାଙ୍କ ୧୦ମ ବାର୍ଷିକୀ ଫାତେହ ଉତ୍ସବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ୍ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ୍ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡାକ୍ତର ସୁଧୀର ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ସେପ୍ଟେମ୍ବର ମାସ ୨୩ ଓ ୨୪ ତାରିଖ ଦୁଇଦିନ ଧରି ପାଳିତ ହେବାକୁଥିବା ଏହି ଉତ୍ସବର ଆୟୋଜନ ନେଇ ଗୁଲସାନ୍-ଇ-ଘଉସ୍ପାକ୍ ଟ୍ରଷ୍ଟର ସଭାପତି ସେକ୍ ମୋହି ଉଦ୍ଦିନ୍ ଉତ୍ସବ ଆୟୋଜନର କାର୍ଯ୍ୟସୂଚୀ ସମ୍ବନ୍ଧରେ ବୈଠକରେ ଉପସ୍ଥାପନ କରିଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ ୨୩ ତାରିଖ ସୋମବାର ଦିନ ଅପରାହ୍ନ ୪ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଠାରୁ ଭୋଗଲାଗି ପାଇଁ ଫଳ ଗ୍ରହଣ କରାଯିବ । ରାତ୍ର ୧୧ଟାରୁ ଭୋର୍ ୪ଟା ପର୍ଯ୍ୟନ୍ତ ଫଳ କଟାଯିବ । ୨୪ ତାରିଖ ମଙ୍ଗଳବାର ଦିନ ଭୋର୍ ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ କୋରାନ୍ ପାଠ ସହ ଫତେହ ପାଳନ କରାଯାଇ ୮ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ଫଳ ଭୋଗ ବିତରଣ କରାଯିବ । ମଧ୍ୟାହ୍ନ ୧୨ଟାରୁ ମଧ୍ୟରାତ୍ର ୧୨ଟା ପର୍ଯ୍ୟନ୍ତ ବଡ଼ ସରକାର ବାବା ଏବଂ ଛୋଟ ସରକାର ବାବାଙ୍କ ଚଦର ଚଢ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଖାନ୍‌କା ସରିଫ୍ ହତା ମଧ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥାଏ । ଖାନ୍‌କା ସରିଫ୍ ବାହାରେ ଅବସ୍ଥିତ କାଦ୍ରୀ ବିରାଦରାନ ଅନୁଷ୍ଠାନ ଦ୍ୱାରା ହଜରତ୍ ବଡ଼ ସରକାର ବାବାଙ୍କ ଦଶମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ୨ ଦିନ ଧରି ଲଙ୍ଗର ଓ ସର୍ବ ଭାରତୀୟ ମୁଶାଏରା ଆୟୋଜନ



କରାଯିବ ବୋଲି କମିଟିର ସଭାପତି ସେକ୍ ହବିବୁଲ୍ଲା ଓ ସମ୍ପାଦକ ଅଖତର ଅଲ୍ଲୀ ଖାଁ ବୈଠକରେ ପ୍ରକାଶ କରିଥିଲେ । ରାତ୍ର ୧୨ ଘଟିକାରୁ ବହିରାଗତ ଅତିଥିମାନଙ୍କ ପ୍ରତ୍ୟାଗମନ ଆରମ୍ଭ ହେବ । ଏହି ଉତ୍ସବ ପାଳନ ନେଇ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ଆବଶ୍ୟକ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବା ନେଇ ଜିଲ୍ଲାପାଳ ଓ ଏସ୍.ପି. ପ୍ରକାଶ କରିଥିଲେ । ବିଶେଷ କରି ବୃହତ୍ ଜନସମାବେଶ ହେବାକୁ ଥିବାରୁ ଗହଳି ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ସଫେଇ, ଶୌଚାଳୟ, ପାନୀୟଜଳ, ଆମ୍ବୁଲାନ୍‌ସ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଖାଦ୍ୟ ନିରାପତ୍ତା ଓ ଅବକାରୀ ଧରପଗଡ଼ ଆଦି ଆବଶ୍ୟକ ଅନୁଯାୟୀ ସମସ୍ତ କାର୍ଯ୍ୟ ପାଇଁ ପଦେକ୍ଷପ ଗ୍ରହଣ କରିବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବସ୍ ଯୋଗେ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କ ଆଗମନ ଓ ପ୍ରତ୍ୟାଗମନ ଥିବା ଯୋଗୁଁ ଷ୍ଟେସନ୍ ଓ ବନ୍ତ ଛକ ଠାରେ ପୋଲିସ୍ ପାଟ୍ରୋଲିଂ ସହ ଆନୁସଙ୍ଗିକ ସୁବିଧା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା । ଚଦର ଶୋଭାଯାତ୍ରା, ବହୁଳ ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଆଗମନ, ଯାନବାହାନ ଯୋଗୁଁ ବିଶେଷ କରି ଟ୍ରାଫିକ୍ ନିୟନ୍ତ୍ରଣ ଭାରୀଯାନ ଚଳାଚଳ ବନ୍ଦ କରାଯିବା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ୍ ମୂତୟନ, ଆର.ଏମ୍.ସି. ଗ୍ରାଉଣ୍ଡରେ ଯାନ ବାହନ ପାର୍କିଂ ଆଦି ସମ୍ବନ୍ଧରେ ଏସ୍.ପି. ସବିଶେଷ ସୂଚନା ପ୍ରଦାନ କରିଥିଲେ । ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଶାନ୍ତି କମିଟିର ସଦସ୍ୟ ସାମ୍ବାଦିକ ଅତିସ୍ କୁମାର ବେହେରା, ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା, ମୁସ୍‌ଲିମ୍ ଜମାତ୍‌ର ସମ୍ପାଦକ ହାଜି ଅବ୍‌ଦୁଲ୍ ମୋକିତ୍ ଖାଁ ପ୍ରମୁଖ ଏହି ପର୍ବ ପାଳନ କିପରି ଭାଇଚାରା ସଦ୍‌ଭାବ ଓ ଶାନ୍ତିଶୃଙ୍ଖଳାର ଗୁରୁତ୍ୱ ବହନ କରେ ଓ ଏହି ପର୍ବ ପାଳନରେ ପାରସ୍ପରିକ ସହଯୋଗ ସମ୍ବନ୍ଧରେ ବୈଠକରେ ପ୍ରକାଶ କରିଥିଲେ ।

# ୯୬ ଲିଟର ମଦ ଜବତ:୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ଉ କରି ୨ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ କଳାଗୁଡ଼ାର ବିପିନ ହିଆଲ ଓ ଅନ୍ତା ଗ୍ରାମର ଦେବ ହରିଜନ । ଅବକାରୀ ବିଭାଗ ସୂଚନା ଅନୁଯାୟୀ ଏକ ନମ୍ବର ବିହିନ ବାଇକ୍‌ରେ ଦେଶୀ ମଦ ଚାଲାଣ ହେଉଥିବାବେଳେ ଉମୁରି ନିକଟରେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ତରଫରୁ ଚଢ଼ଉ କରାଯାଇଛି । ଚଢ଼ଉ କରି ୬୦ ଲିଟର ଦେଶୀ ମଦ ଓ ବାଇକ୍‌କୁ ଜବତ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି । ସେହିପରି ଅନ୍ତା ରାସ୍ତାରେ ଚଢ଼ଉ କରି ଦେବ ହରିଜନକୁ ଗିରଫ କରି ୩୬ ଲିଟର ଦେଶୀ ମଦ ଜବତ କରିଥିବା ଜୟପୁର ଅବକାରୀ ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# ରେସ୍ ବେଳେ ଛିନଛତ୍ର ହେଲା କୁଶ ମୈନିଙ୍କ କାର୍

**ନୂଆଦିଲ୍ଲୀ**

ଭାରତର ଫର୍ମୁଲା ଡ୍ରାଇଭର କୁଶ ମୈନି ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଆଜେରବୈଜାନ ଗ୍ରାଣ୍ଡ ପ୍ରିକ୍ସ ଏଫ ୨ରେ ଭାଗ ନେଇଥିବା କୁଶ ରେସ୍ ଆରମ୍ଭ ସମୟରେ ଏପରି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

୫ ଗ୍ରୀଡ଼ରେ ଥିବା କୁଶ ରେସ୍ ଆରମ୍ଭ ହୋଇଥିଲେ ହେଁ ନିଜ ଗାଡ଼ି ଷ୍ଟାର୍ଟ କରିପାରି ନଥିଲେ। ଲାଇନ ଉପରେ ତାଙ୍କ କାର୍ ରହିଥିବା ବେଳେ ଏକାଧିକ କାର୍ ତାଙ୍କୁ ଅତିକ୍ରମ କରି ଆଗକୁ ବଢ଼ିଥିଲେ। ତେବେ ଗୋଟିଏ କାର୍ ତାଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ପଛ ପଟୁ ଭୟଙ୍କର ଢଙ୍ଗରେ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ କୁଶଙ୍କ ସମେତ ଆଉ ୨ଟି କାର ପୂରା ଛିନ୍‌ଛତ୍ର ହୋଇଯାଇଛି। ହେଲେ ଏହା ମଧ୍ୟରେ ଥିବା ଡ୍ରାଇଭରମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

ଦୁର୍ଘଟଣା ଯୋଗୁ କୁଶଙ୍କ ସମେତ ସ୍ପେନର ପେପେ ମାରତି ଓ ଜର୍ମାନୀର ଓଲିଭର ଗୋଇଥେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ତେବେ କୁଶଙ୍କ ଭଳି ସେମାନେ ମଧ୍ୟ ଦୁର୍ଘଟଣାରେ ବଡ଼ଧରଣର ଆଘାତ ପାଇ ନାହାନ୍ତି। ଫର୍ମୁଲା ୨ ରେସରେ ଏହା କୁଶଙ୍କ ଦ୍ୱିତୀୟ ସଂସ୍କରଣ। ସେ ଅଲପାଇନ ଏଫ ୧



# କୋହଲି-ରୋହିତଙ୍କ ପରେ ଓପନିଙ୍ଗ ସମ୍ଭାଳିବେ ଶୁଭମାନ ଓ ରୁତୁରାଜ : ପୀୟୁଷ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ଦମ୍‌ଦାର୍ କ୍ୟାରିୟର ପରେ ଟି-୨୦ରୁ ନେଇଛନ୍ତି ସନ୍ୟାସ। ଆଉ କିଛି ଦିନ ପରେ ସବୁ ଫର୍ମାଟକୁ କହିପାରନ୍ତି ଅଲ୍‌ବିଦା। କିନ୍ତୁ ଟିମ୍ ଇଣ୍ଡିଆରେ ଏମାନଙ୍କ ସ୍ଥାନ ନେବ କିଏ? ଏହାକୁ ନେଇ ଚାଲିଛି କଳ୍ପନାଜଳ୍ପନା। ଏବେ ଏହାର ଉତ୍ତର ଦେଇଛନ୍ତି ଦିଗ୍‌ଗଜ ଖେଳାଳି।

ସେ ରୋହିତ ଏବଂ କୋହଲିଙ୍କ ସ୍ଥାନରେ ୨ ଯୁବ ପ୍ଲେୟରଙ୍କ ନାଁ ନେଇଛନ୍ତି, ଯାହା ଏବେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି। ବାସ୍ତବରେ ଟିମ୍ ଇଣ୍ଡିଆର ଷ୍ଟ୍ରେନ୍ଥ ବିରାଟ କୋହଲି ଏବଂ ରୋହିତ ଶର୍ମା। ଏମାନଙ୍କ ଅବସର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏମାନଙ୍କ ପରେ ଟିମ୍ ଇଣ୍ଡିଆର ଓପନିଙ୍ଗ କରିବ କିଏ? ବର୍ତ୍ତମାନ ଏହାକୁ ନେଇ ନିଜ ମତ ରଖିଛନ୍ତି ଟିମ୍ ଇଣ୍ଡିଆର ଦିଗ୍‌ଗଜ ପ୍ଲେୟର ପୀୟୂଷ ଚାୱଲା।




ସେ କୋହଲି ଏବଂ ରୋହିତଙ୍କ ସ୍ଥାନରେ ଯୁବ ବ୍ୟାଟର ଶୁଭମାନ ଗିଲ ଏବଂ ରୁତୁରାଜ ଗାଇକ୍ୱାଡ ନାଁ ନେଇଛନ୍ତି। ପୀୟୁଷ କହିଛନ୍ତି ଯେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭଳି କିମ୍ବଦନ୍ତୀଙ୍କୁ ରିପ୍ଲେସ୍ କରିବା ଅସମ୍ଭବ। ଯେପରି ଆଜି ପର୍ଯ୍ୟନ୍ତ ସଚିନ ତେନ୍ଦୁଲକର ଏବଂ ସୁନୀଲ ଗାଭାସ୍କରଙ୍କ ଭଳି ମହାନ ବ୍ୟାଟ୍ସମ୍ୟାନ୍‌ଙ୍କୁ କେହି ରିପ୍ଲେସ କରିପାରି ନାହାନ୍ତି। ଅବଶ୍ୟ ଏହା ନିଶ୍ଚିତ ଯେ ଜଣଙ୍କ ସନ୍ନ୍ୟାସ ପରେ ଅନ୍ୟ ପ୍ଲେୟର ସମାନ ଢଙ୍ଗରେ ତାଙ୍କ କାର୍ଯ୍ୟଭାର ସମ୍ଭାଳିଥାନ୍ତି। କିନ୍ତୁ ତାଙ୍କ ଭଳି ହେବା ଅସମ୍ଭବ।

ପୀୟୂଷ ଚାୱଲା କହିଛନ୍ତି, ଶୁଭମାନ ଗିଲ ନିଜ କୌଶଳ ଯୋଗୁଁ ପରିଚିତ। ନଜର କରିଥିବେ ଯଦି ଜଣେ ବ୍ୟାଟ୍ସମ୍ୟାନ ଖରାପ ଫର୍ମରେ ରହିଥାନ୍ତି ସେତେବେଳେ ତାଙ୍କ କୌଶଳ ହିଁ ଏପରି ପରିସ୍ଥିତିରୁ ବାହାର କରିବାରେ ସାହାଯ୍ୟ କରିଥାଏ। ଏପରି ହେବା ଦ୍ୱାରା କୌଣସି ବ୍ୟାଟସମ୍ୟାନ ବହୁତ ଦିନ ପର୍ଯ୍ୟନ୍ତ ଖରାପ ଫର୍ମରେ ରହିନଥାନ୍ତି। ଏହି ବାର୍ତ୍ତାଳାପକୁ ଆଗକୁ ନେଇ ସେ କହିଛନ୍ତି ଯେ ମୋ ପାଇଁ ଶୁଭମାନ ଗିଲ ରୁତୁରାଜ ଗାଇକାଡ୍‌ଙ୍କ ସହ ଅଛନ୍ତି। ଏହାପରେ ସେ ରୁତୁରାଜ ଗାଏକ୍ୱାଡଙ୍କ କଥା କହିଛନ୍ତି।

ପୀୟୂଷ କହିଛନ୍ତି ଯେ, ଗିଲ୍ ପ୍ରାୟ ଟିମ୍ ଇଣ୍ଡିଆର ୩ଟି ଯାକ ଫର୍ମାଟରେ ନିଜ ସ୍ଥାନ ପକ୍କା କରିସାରିଛନ୍ତି। କିନ୍ତୁ ରୁତୁରାଜ ଗାଏକ୍ୱାଡ୍‌ଙ୍କ କ୍ଷେତ୍ରରେ ଏପରି ନୁହେଁ। ତାଙ୍କୁ ବର୍ତ୍ତମାନ ଯାଏଁ ଟିମ୍ ଇଣ୍ଡିଆରେ ଅଧିକ ସୁଯୋଗ ମିଳିନ। ପୀୟୂଷ କହିଛନ୍ତି ଯେ, ଟିମ୍‌ରେ ସୁଯୋଗ ନମିଳିବା ଖେଳର ଏକ ଅଂଶ। ଏହା ଏକ ପ୍ୟାକେଜ୍ ସହିତ ଆସିଥାଏ। ଅନେକ ସମୟରେ ଏହା ଦୁର୍ଭାଗ୍ୟ ହୋଇଥାଏ, ଅର୍ଥାତ୍ ଯେତେବେଳେ ସୁଯୋଗ ମିଳେ ସେତେବେଳେ ଭାଗ୍ୟ ସାଥ୍ ଦେଇନଥାଏ। ତେବେ ଏକଥା ଭିନ୍ନ, କିନ୍ତୁ ଏହି ୨ ପ୍ଲେୟର ରୋହିତ ଓ କୋହଲିଙ୍କ ପରେ କମାଣ ସମ୍ଭାଳି ପାରନ୍ତି।

# ସଂପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି ମହମ୍ମଦ ଶାମି

**ନୂଆଦିଲ୍ଲୀ**



ଭାରତୀୟ ଦଳର ଅନୁଭବୀ ଦ୍ରୁତ ବୋଲର ମହମ୍ମଦ ଶାମି ନିଜର ପ୍ରତ୍ୟାବର୍ତ୍ତନକୁ ନେଇ ବଡ଼ ସୂଚନା ଦେଇଛନ୍ତି। ଗତ କିଛି ସପ୍ତାହରେ ଅନେକ ଖବର ସାମ୍ନାକୁ ଆସିଥିଲା ଯେ ମହମ୍ମଦ ଶାମି ଆସନ୍ତା ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି। ତେବେ ଶାମିଙ୍କ କହିବା କଥା ଯେ ପର୍ଯ୍ୟନ୍ତ ସେ ସଂପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି ସେ ପର୍ଯ୍ୟନ୍ତ ସେ ପଡ଼ିଆକୁ ଫେରିବେ ନାହିଁ। ପଡ଼ିଆକୁ ଫେରିବା ବିଷୟରେ କୌଣସି ଚିନ୍ତା କରି ନାହାନ୍ତି ବୋଲି ସାମି କହିଛନ୍ତି।

ମହମ୍ମଦ ଶାମି ଗତ ବର୍ଷ ଦିନିକିଆ ବିଶ୍ୱକପ ୨୦୨୩ରେ ଆହତ ହେବା ପରଠୁ ଭାରତୀୟ ଦଳରୁ ବାହାରେ ଅଛନ୍ତି। ଆଘାତ କାରଣରୁ ତାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଥିଲା। ସୁସ୍ଥ ହେବା ପରେ ନିକଟରେ ସେ ନେଟ୍ସରେ ଅଭ୍ୟାସ ଆରମ୍ଭ କରିଛନ୍ତି। ମାତ୍ର ତାଙ୍କର ପ୍ରତ୍ୟାବର୍ତ୍ତନ ନେଇ କୌଣସି ସୂଚନା ଦେଇ ନାହିଁ ବିସିସିଆଇ। ଶାମି ବେଙ୍ଗାଲୁରୁରେ ଏନସିଏରେ ଛୋଟ ରନଅପ୍ ଜରିଆରେ ବୋଲିଂ କରୁଥିବା ଦେଖିବାକୁ ମିଳିଛି।

ଶାମି କହିଛନ୍ତି, ଯେତେ ଶୀଘ୍ର ସମ୍ଭବ ମୁଁ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରୁଛି। ମୁଁ ସୁନିଶ୍ଚିତ କରିବାକୁ ଚାହୁଁଛି ଯେ, ଯେବେ ମୁଁ ପଡ଼ିଆକୁ ଫେରିବି ମୋ ମନରେ ଫିଟନେସ୍‌କୁ ନେଇ ତିଳେ ବି ସନ୍ଦେହ ନ ଥିବ। ଏହା ହିଁ ମୋ ପାଇଁ ଉଚିତ ରହିବ ଏବଂ ଆହତ ହେବାର ସମ୍ଭାବନା ସେତେ କମ୍ ରହିବ। ଏଥିପାଇଁ କିଛି ଫରକ ପଡୁନି ଯେ, ବାଂଲାଦେଶ, ନ୍ୟୁଜିଲାଣ୍ଡ କିମ୍ବା ଅଷ୍ଟ୍ରେଲିଆ ସିରିଜ୍ ପାଇଁ ମୁଁ ଫେରିବି କି ନାହିଁ। ମୁଁ ଆରମ୍ଭରୁ ହିଁ ଅଭ୍ୟାସ ଆରମ୍ଭ କରି ଦେଇଛି ଯେ ପର୍ଯ୍ୟନ୍ତ ମୁଁ ଶତ ପ୍ରତିଶତ ଫିଟ୍ ଅନୁଭବ କରିନି, ସେ ପର୍ଯ୍ୟନ୍ତ ମୁଁ ପଡ଼ଆକୁ ଫେରିବାକୁ ଉଚିତ ମଣିବିନି।

# ଏଭରଗ୍ରୀନ୍ ଟି'ର ବ୍ରାଣ୍ଡ ଆମ୍ବାସଡ଼ର ହେଲେ ସ୍ପିନର କୁଲଦୀପ ଯାଦବ

**ଭୁବନେଶ୍ୱର**

ଗତ ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପର ୧୦ଟି ମୂଲ୍ୟବାନ ଓ୍ୱିକେଟ୍ ଅକ୍ତିଆର କରି ଭାରତର ବିଶ୍ୱକପ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ପିନର କୁଲଦୀପ ଯାଦବ 'ନେହା ଏଣ୍ଟରପ୍ରାଇଜର୍ସ' ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ଉତ୍ପାଦ ଏଭରଗ୍ରୀନ ଚା'ର ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ ହୋଇଛନ୍ତି। ସଂପ୍ରତି କୁଲଦୀପ ଯାଦବଙ୍କୁ ନେଇ ଏଭରଗ୍ରୀନ ଚା'ର ଏକ ଟିଭି କମର୍ସିଆଲର ସୁଟିଂ ହୋଇଛି ଏହା ଖୁବ୍‌ଶୀଘ୍ର ଆଞ୍ଚଳିକ ଏବଂ ଜାତୀୟ ଟେଲିଭିଜନ ଚାନେଲରେ ପ୍ରସାରିତ ହେବ। ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଭରଗ୍ରୀନ ଚା'ର ପରିଚାଳନା ନିର୍ଦ୍ଦେଶକ ସାଜନ ଅଗ୍ରୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଭାରତୀୟ ଜାତୀୟ କ୍ରିକେଟ ଟିମ୍‌ର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ଆମର ବ୍ରାଣ୍ଡ ଆମ୍ବାସଡର ହୋଇଥିବାରୁ ଏଭରଗ୍ରୀନ ଚା' ଅତ୍ୟନ୍ତ ଆନନ୍ଦିତ। ପୂର୍ବରୁ ବଲିଉଡ ସୁପରଷ୍ଟାର ଅନୀଲ କପୁର, ପ୍ରସିଦ୍ଧ ହକି ଖେଳାଳି ଓ ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ସୁପ୍ରସିଦ୍ଧ ଧାବିକା ଦୂତୀ ଚାନ୍ଦ ଏବଂ ଓଲିଉଡ଼ ସୁପରଷ୍ଟାର ସବ୍ୟସାଚୀ ଓ ଅର୍ପିତାଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ନେଇଛୁ। ଏବେ କୁଲଦୀପଙ୍କ ଯୋଗଦାନ ଦ୍ୱାରା ବ୍ରାଣ୍ଡ ଉପରେ ଗ୍ରାହକ ମାନଙ୍କର ଆସ୍ଥା ଓ ବିଶ୍ୱାସ ଅଧିକ ଉଚ୍ଚ ସ୍ତରରେ ପହଞ୍ଚିବ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ ଏବଂ ପୱନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଏହି ଅବସରରେ ଷ୍ଟାର ସ୍ପିନର କୁଲଦୀପ ଯାଦବ କହିଥିଲେ ଯେ, ଏଭରଗ୍ରୀନ ଚା' ସହ ଯୋଡ଼ି ହୋଇ ମୁଁ ଅତି ମାତ୍ରାରେ ଆନନ୍ଦିତ। ଯେଉଁ ବ୍ରାଣ୍ଡ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଏଭରଗ୍ରୀନ ଚା' କେବଳ ଅନ୍ୟ ଗୋଟି ଚା' ବ୍ରାଣ୍ଡ ନୁହେଁ ବରଂ ଏହା ଲୋକମାନଙ୍କ ମନରେ ଏକ ଭାବ ପ୍ରବଣତା ଭରା ଯୋଗସୂତ୍ର ସ୍ଥାପନ କରିଛି। ଯେଉଁମାନେ ପିଢ଼ି ପିଢ଼ି ଧରି ଏହାର ସ୍ୱାଦ ଓ ମହକକୁ ଭରପୁର ଉପଭୋଗ କରି ଯାଇଛନ୍ତି, ଏହି ବ୍ରାଣ୍ଡ ଯେଉଁ ପରମ୍ପରା ଉଷ୍ଣତା ଏବଂ ସଂସ୍କୃତିର ପ୍ରତିନିଧିତ୍ୱ କରୁଛି ତାହା ମୋ ଭିତରେ ଗଭୀର ରେଖାପାତ କରିଛି। ଜଣେ କ୍ରିକେଟର ଭାବରେ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ଅତ୍ୟନ୍ତ ଜରୁରୀ ଏବଂ ଉପଯୁକ୍ତ ଉତ୍ପାଦ ବାଛିବା ତାର ଏକ ଅଂଶ ଅଟେ ଯେତେବେଳେ ଏଭରଗ୍ରୀନ ଚା' ମୋତେ ଏହି ବିଷୟରେ ଜଣାଇ ଥିଲେ ମୁଁ ପ୍ରଥମେ ଏହି ଉତ୍ପାଦ ବିଷୟରେ ଅନୁଭୂତି ହାସଲ କରିବା ପାଇଁ ଚାହିଁଥିଲି। ପିଇବା ମାତ୍ରେ ଏହାର ମୌଳିକ ଗୁଣବତ୍ତା ଏବଂ ସୁଗନ୍ଧ ଦ୍ୱାରା ମୁଁ ତୁରନ୍ତ ଆକର୍ଷିତ ହୋଇ ଯାଇଥିଲି, ଯାହା ବାସ୍ତବରେ ଏହି ଉତ୍ପାଦନ ଅନ୍ୟ ମାନଙ୍କ ଠାରୁ ନିଆରା କରିଛି। ଏହା କେବଳ ଗୋଟିଏ କପ ଚା' ନୁହେଁ ବରଂ ଏହା ନିଜର ଅନୁଗତ ଗ୍ରାହକମାଙ୍କର ଭାବ ପ୍ରବଣତା ଓ ଐତିହାର ପ୍ରତିଫଳନ ଅଟେ ମୁଁ ଏହି ଅଭିଯାନର ଏକ ଅଂଶ ହୋଇଥିବାରୁ ମୁଁ ଗୌରବାନ୍ୱିତ ମନେ କରୁଛି।

# ୩୪ ବର୍ଷରେ ପାଦ ଦେଲେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ**

ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୪ ବର୍ଷରେ ପାଦ ଦେଇଛନ୍ତି। ୨୦୨୧ରେ ଆରମ୍ଭ ହୋଇଥିଲା ମିଷ୍ଟର ୩୬୦ଙ୍କ ଆନ୍ତର୍ଜାତୀୟ କ୍ୟାରିଅର। ନିଜର କ୍ଷୁଦ୍ର ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟା ଅଙ୍କର ରୋଜଗାର କରିଛନ୍ତି ସୂର୍ଯ୍ୟ। ଆଇପିଏଲ୍‌ରେ ୧୦ ଲକ୍ଷରୁ ନିଲାମୀ ଆରମ୍ଭ ହୋଇଥିବା ସୂର୍ଯ୍ୟ ବର୍ତ୍ତମାନ କୋଟି କୋଟି ମୂଲ୍ୟର ଖେଳାଳି।

ଗତବର୍ଷ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବା ପାଇଁ ସେ ୮ କୋଟିରେ ହୋଇଥିଲେ ନିଲାମ୍। ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ବିସିସିଆଇର ଗ୍ରେଡ ବି ପ୍ଲେୟର। ସେ ବିସିସିଆଇରୁ ବାର୍ଷିକ ୩ କୋଟି ଟଙ୍କା ପାଇଥାନ୍ତି। ଏହାବ୍ୟତୀତ ତାଙ୍କୁ ପ୍ରତି ମ୍ୟାଚ୍ ପାଇଁ ମ୍ୟାଚ ଫି' ମିଳିଥାଏ।

ସୂର୍ଯ୍ୟକୁମାର ଯାଦବଙ୍କ ମୋଟ ସମ୍ପତ୍ତି ବିଷୟରେ କହିବାକୁ ଗଲେ ସେ ବର୍ତ୍ତମାନ ୫୫କୋଟିର ମାଲିକ। କ୍ରିକେଟ ବ୍ୟତୀତ ସୂର୍ଯ୍ୟ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ କରିଥାନ୍ତି ମୋଟା ଅଙ୍କର ରୋଜଗାର। ସେ ଅନେକ ବଡ଼ ବ୍ରାଣ୍ଡସ ସହ ଯୋଡ଼ି ହୋଇଛନ୍ତି। ମିଷ୍ଟର ୩୬୦ଙ୍କର ମୁମ୍ବାଇ ଅନୁଶକ୍ତି ନଗର ଚେମ୍ବୁରର ଏକ ଆଲିଶାନ ଫ୍ଲାଟର ମାଲିକ ଅଟନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ଅନେକ ରିଅଲିଷ୍ଟେଟ ପ୍ରପର୍ଟି ରହିଛି। ସୂର୍ଯ କୁମାର ଯାଦବ ଟିମ୍ ଇଣ୍ଡିଆ ପାଇଁ ଗୋଟିଏ ଟେଷ୍ଟ, ୩୭ଟି ୱାନଡେ ଏବଂ ୭୧ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ସେ ବର୍ତ୍ତମାନ ସମୟକେ ଟି-୨୦ରେ ଟିମ୍ ଇଣ୍ଡିଆ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି।

# କ୍ରୀଡ଼ା କୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାକୁ ଚାହିଁ ନ ଥିଲେ ଭିନେଶ ଫୋଗାଟ : ହରିଶ ସାଲଭେ

**ନୂଆଦିଲ୍ଲୀ**

ନିର୍ଦ୍ଧାରିତ ନିୟମଠୁ ଅଧିକ ଓଜନ କାରଣରୁ ପ୍ୟାରିସ ଅଲିମ୍ପିକ୍ସରେ ପଦକରୁ ବଞ୍ଚିତ ହୋଇଥିଲେ ତାରକା କୁସ୍ତି ଖେଳାଳି ଭିନେଶ ଫୋଗାଟ୍। ଅଗଷ୍ଟ ୭ ତାରିଖ ଫାଇନାଲ ଦିନ ସକାଳେ ସେ ଅଯୋଗ୍ୟ ଘୋଷିତ ହେବା ପୂରା ଦେଶକୁ ସ୍ତବ୍ଧ କରିଥିଲା। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ଏହି କ୍ରମରେ ଦେଶର ଖ୍ୟାତିସଂପନ୍ନ ଓକିଲ ହରିଶ ସାଲଭେ ପ୍ୟାରିସ ଅଲିମ୍ପିକ୍ସକୁ ନେଇ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଫୋଗାଟ ଚାହୁଁ ନ ଥିଲେ କ୍ରୀଡ଼ା କୋର୍ଟ ତାଙ୍କ ବିରୋଧରେ ନେଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଉ। ଉଲ୍ଲେଖନୀୟ ଅଲିମ୍ପିକ୍ସ ଇତିହାସରେ ପ୍ରଥମ ଥର କୌଣସି ମହିଳା ପହିଲମାନ ଅଲିମ୍ପିକ୍ସ ଫାଇନାଲ୍‌ରେ ପହଞ୍ଚିଥିଲେ। ଭିନେଶ ନିକଟରେ ଦାବି କରିଥିଲେ ଯେ, ଫାଇନାଲ୍‌ରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ଭାରତୀୟ ଅଲିମ୍ପିକ୍ସ ସଂଘ ପକ୍ଷରୁ ତାଙ୍କୁ କୌଣସି ସମର୍ଥନ ମିଳି ନ ଥିଲା। ଏହା ପରେ ହରିଶ ସାଲଭେଙ୍କ ଉପରୋକ୍ତ ବୟାନ ସାମ୍ନାକୁ ଆସିଛି। ଭିନେଶ କହିଥିଲେ, ଆମର ଯେଉଁ ଓକିଲ ଥିଲେ ସେମାନେ ନିଷ୍ପତ୍ତିକୁ ନେଇ ପ୍ରଥମରୁ ନରମ ମନୋଭାବ ପୋଷଣ କରିଥିଲେ। ଏହି ସମସ୍ତ କାରଣରୁ ଅଲିମ୍ପିକ୍ସରେ ତାଙ୍କୁ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ମିଳି ପାରି ନ ଥିଲା। ଭାରତୀୟ ଆଇନଜୀବୀ ଦଳରେ ହରିଶ ସାଲଭେ ରହିଥିଲେ।

ଏକ ସାକ୍ଷାତକାରରେ ହରିଶ ସାଲଭେ କହିଛନ୍ତି, ଆମର ପ୍ରସ୍ତାବ ପରେ ବି ଭିନେଶ ଫୋଗାଟ୍ କୋର୍ଟ ଅଫ ଅର୍ବିଟ୍ରେଶନ ଫର ସ୍ପୋର୍ଟ୍ସ ଦ୍ୱାରା ଦିଆଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ଦେବାକୁ ଚାହୁଁ ନ ଥିଲେ। ପରେ ଆମକୁ ଅପିଲ କରିବା ପାଇଁ ଉପଯୁକ୍ତ କାଗଜପତ୍ର ଓ ସୂଚନା ମିଳିଥିଲା ଏହା ପରେ ଆମେ କୋର୍ଟରେ କଡ଼ା ସଂଘର୍ଷ କରିଥିଲୁ। ମାତ୍ର ଆମର ଅପିଲ୍‌କୁ ଖାରଜ କରି ଦିଆଗଲା। ଆମେ କ୍ରୀଡ଼ା କୋର୍ଟ ଦ୍ୱାରା ଆସିଥିବା ନିଷ୍ପତ୍ତିକୁ ସ୍ୱିସ୍ ଅଦାଲତରେ ଚ୍ୟାଲେଞ୍ଜ କରିପାରିଥାନ୍ତେ ମାତ୍ର ଭିନେଶ ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏହା ପରେ ତାଙ୍କ ଓକିଲ ମୋତେ ଜଣାଇଥିଲେ ଯେ, ଭିନେଶ ମାମଲାକୁ ଆଉ ଆଗକୁ ବଢାଇବାକୁ ଚାହୁଁ ନାହାନ୍ତି।

ସାଲଭେ ଅଭିଯୋଗ କରିଛନ୍ତି ଯେ, ଭିନେଶ ଫୋଗାଟ୍‌ଙ୍କ ଓକିଲଙ୍କ ମଧ୍ୟରେ ତାଳମେଳର ଅଭାବ ଥିଲା। ଏହାର କାରଣ ଭାରତୀୟ ଅଲିମ୍ପିକ୍ସ ସଂଘ ଦ୍ୱାରା ନିଯୁକ୍ତ କରାଯାଇଥିବା ଏକ ଲ' ଫର୍ମର କିଛି ଓକିଲ ମାମଲାର ସବିଶେଷ ତଥ୍ୟ ଦେବାକୁ ଚାହୁଁ ନ ଥିଲେ। ଫଳରେ ମାମଲାକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରାଯାଇ ନ ଥିଲା।

# ଭଙ୍ଗା ଆଙ୍ଗୁଠିରେ ଖେଳିଥିଲି ଡାଇମଣ୍ଡ ଲିଗ୍ ଫାଇନାଲ୍ : ନୀରଜ

**ନୂଆଦିଲ୍ଲୀ**

ଭାରତର ଜାଭେଲିନ ଷ୍ଟାର ନୀରଜ ଚୋପ୍ରା ବଡ଼ ଖୁଲାସା କରିଛନ୍ତି। ଶନିବାର ରାତିରେ ଡାଇମଣ୍ଡ ଲିଗ୍ ଫାଇନାଲ ଖେଳିଥିବା ନୀରଜ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ସେ ଏହି ଫାଇନାଲ ମ୍ୟାଚ୍ ଭଙ୍ଗା ଆଙ୍ଗୁଠିରେ ଖେଳିଥିଲେ ବୋଲି ସୂଚନା ଦେଇଛନ୍ତି।

ଏକ୍ସରେ ଗୋଟିଏ ପୋଷ୍ଟ କରି ନୀରଜ ବ୍ରୁସେଲ୍ସରେ ଖେଳା ଯାଇଥିବା ଫାଇନାଲରେ କେମିତି ସଂଘର୍ଷ କରିଥିଲେ, ସେକଥା ସୂଚନା ଦେଇଛନ୍ତି। ଫାଇନାଲରେ ସେ ୮୭.୮୬ ମିଟର ଦୂରକୁ ଜାଭେଲିନ ଫିଙ୍ଗି ଦ୍ୱିତୀୟରେ ରହିଥିଲେ।

ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୭.୮୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଡାଇମଣ୍ଡ ଲିଗ ଟ୍ରଫି କବ୍‌ଜା କରିଥିଲେ। ନୀରଜ ମାତ୍ର ଗୋଟିଏ ସେଣ୍ଟିମିଟର ପାଇଁ ଚାମ୍ପିୟନ ହୋଇ ପାରି ନଥିଲେ। ସେହିପରି ଜର୍ମାନୀର ଜୁଲିଆନ ଓ୍ୱେବର ୮୫.୯୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ତୃତୀୟ ସ୍ଥାନରେ ରହିଛନ୍ତି। ନୀରଜ ଫାଇନାଲ ଶେଷ ହେବା ପରେ ସୋସିଆଲ ମିଡିଆରେ ତାଙ୍କ ବାମ ହାତର ଏକ୍ସ-ରେ ଫଟୋ ପୋଷ୍ଟ କରିଛନ୍ତି। ତାଙ୍କ ରିଙ୍ଗ ବା ଅନାମିକା ଆଙ୍ଗୁଠି ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଅର୍ଥାତ ସେ ଭଙ୍ଗା ଆଙ୍ଗୁଳିରେ ଫାଇନାଲ ଖେଳିବା ସହ ଭାରତ ପାଇଁ ରୌପ୍ୟ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି।

ଶନିବାର ଫାଇନାଲରେ ମଧ୍ୟ ନୀରଜ ପ୍ରତିଟି ଥ୍ରୋ ବେଳେ ଚିନ୍ତିତ ଥିବା ଭଳି ଲାଗୁ ଥିଲେ। ସେ ନିଜକୁ




ଅଧିକ ପୁଶ୍ କରୁ ନଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ଜିତିଥିବା ନୀରଜ କହିଛନ୍ତି ଯେ ଆହତ ସମସ୍ୟା ସତ୍ତ୍ୱେ ସେ ଚଳିତ ଋତୁର ଶେଷ ପ୍ରତିଯୋଗିତା ଖେଳିବାକୁ ପ୍ରତିବଦ୍ଧ ଥିଲେ। ଯଦିଓ ସେ ବ୍ୟକ୍ତିଗତ ଆଶା ଅନୁସାରେ ପ୍ରଦର୍ଶନ କରି ପାରିନାହାନ୍ତି, ତଥାପି ଏହି ଅଭିଜ୍ଞତା ତାଙ୍କୁ ମୂଲ୍ୟବାନ ଶିକ୍ଷା ଦେଇଛି।

ନୀରଜ କହିଛନ୍ତି, "୨୦୨୪ ଋତୁ ସରିଥିବା ବେଳେ ମୁଁ ବର୍ଷତମାମ ଶିକ୍ଷା ଲାଭ କରିଥିବା ସବୁ କିଛିକୁ ବୁଲି ଦେଖିଛି। ମୋର ଉନ୍ନତି, ପରାଜୟ, ମାନସିକତା ଓ ବହୁତ କିଛିକୁ ମୁଁ ସମୀକ୍ଷା କରିଛି। ସୋମବାର ଅଭ୍ୟାସ ବେଳେ ଆହତ ହୋଇଥିଲି। ମୋର ବାମ ହାତର ଅନାମିକା ଆଙ୍ଗୁଠି ଭାଙ୍ଗି ଯାଇଥିବା ଏକ୍ସ-ରେରୁ ଜଣାପଡ଼ିଥିଲା।

ଏହା ମୋ ପାଇଁ ଆଉ ଏକ ଯନ୍ତ୍ରଣାଦାୟକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କିନ୍ତୁ ମୋ ଟିମ୍‌ର ସହାୟତାରେ ମୁଁ ବ୍ରୁସେଲ୍ସରେ ଭାଗ ନେଇ ପାରିଥିଲି। ଏହା ଚଳିତ ବର୍ଷର ଶେଷ ପ୍ରତିଯୋଗିତା ଥିଲା। ମୁଁ ମୋର ସିଜିନ ଟ୍ରାକରେ ଶେଷ କରିବାକୁ ଚାହୁଁଥିଲି। ଯଦିଓ ମୁଁ ମୋର ବ୍ୟକ୍ତିଗତ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନାହିଁ, ତଥାପି ଏଇଟା ଏମିତି ଗୋଟିଏ ସିଜିନ ଥିଲା ଯେଉଁଠି ମୁଁ ଅନେକ କିଛି ଶିଖିଛି। ମୁଁ ଫେରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ପୂରା ଫିଟ୍ ଓ ରେଡି ହୋଇ ଫେରିବି। ଆପଣମାନଙ୍କ ଉତ୍ସାହ ପାଇଁ ଧନ୍ୟବାଦ। ୨୦୨୪ ମୋତେ ଜଣେ ଭଲ ଆଥଲେଟ୍ ଓ ବ୍ୟକ୍ତି କରିଛି। ୨୦୨୫ରେ ଦେଖାହବ।''

# ପିଲା ଚୋରି ବେଳେ ମାଡ଼ି ବସିଲେ ମହିଳା

**ସୁନ୍ଦରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଖଟରେ ଶୋଇଥିଲା ୭ମାସର ଶିଶୁକନ୍ୟା। ନିଜ ନିଜ କାମରେ ବ୍ୟସ୍ତ ଥିଲେ ପରିବାର ଲୋକେ। ଏତିକି ବେଳେ ଘରେ ପଶିଲା ଅଭିଯୁକ୍ତ। କୋମଳମତି ଶିଶୁକୁ ଚୋରାଇ ନେବାକୁ ଉଦ୍ୟମ କରୁଥିବା ବେଳେ ନଜର ପଡ଼ିଗଲା ମା'ଙ୍କର। ଅଭିଯୁକ୍ତକୁ ମାଡ଼ିବସିଲେ ମହିଳା। ପ୍ରାଣପଣେ ଚେଷ୍ଟା କରି ଅନ୍ୟ ସଦସ୍ୟଙ୍କ ସହାୟତାରେ କାବୁ କଲେ। ପରେ ନିସ୍ତୁକ ଛେଚି ପୁଲିସ୍ ଜିମା ଦେଲେ। ସୁନ୍ଦରଗଡ଼ ଟାଉନ ଥାନା ଅଞ୍ଚଳରେ ଘଟିଛି ଏହି ଘଟଣା। ଅଭିଯୁକ୍ତ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଟାଙ୍ଗରମୁଣ୍ଡା ଗ୍ରାମର ସନାତନ ନାଏକ (୫୫)। ଅନ୍ୟପଟେ ସନାତନ ପିଲା ଚୋର ନୁହଁନ୍ତି। ସେ ଜଣେ ମାନସିକ ରୋଗୀ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଟାଉନ୍ ଥାନା ଅଧୀନ ବ୍ଲକ କଲୋନୀ ପଛ ପାତ୍ରପଡ଼ା



ଅଞ୍ଚଳରେ ରୁହନ୍ତି ପ୍ରଶାନ୍ତ ଦାଶଙ୍କ ପରିବାର। ପୂର୍ବାହ୍ନ ପ୍ରାୟ ୯ଟା ହେବ। ତାଙ୍କ ୭ ମାସର ଝିଅ ଖଟରେ ଶୋଇଥିଲା। ଏହି ସମୟରେ ଜଣେ ବ୍ୟକ୍ତି ହଠାତ୍ ଘରକୁ ପଶିଆସି ଶିଶୁ କନ୍ୟାକୁ ନେଇ ପଳାଇବାକୁ ଉଦ୍ୟମ କରିଥିଲେ। ଛୁଆକୁ ଜଣେ ଅପରିଚିତ ବ୍ୟକ୍ତି ନେଇଯାଉଥିବା ଦେଖି ପାଟି କରିଥିଲେ ପ୍ରଶାନ୍ତଙ୍କ ପତ୍ନୀ। ତଥାପି ଶିଶୁ କନ୍ୟାକୁ ଛାଡ଼ି ନ ଥିଲା ଅଭିଯୁକ୍ତ। ଧସ୍ତାଧସ୍ତି ଭିତରେ ମହିଳାଙ୍କ ଯାଆ ଏବଂ ଅନ୍ୟ ସମ୍ପର୍କୀୟ ଅଭିଯୁକ୍ତକୁ ମାଡ଼ି ବସି ଥିଲେ। ଅଭିଯୁକ୍ତ ଶିଶୁକନ୍ୟାକୁ ତଳେ ଶୁଆଇ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଲୋକେ ତାଙ୍କୁ କାବୁ କରି ବହେ ଛେଚିବା ପରେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଅଭିଯୁକ୍ତକୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ନେଇ ଥିଲା। ତଦନ୍ତରୁ ସେ ଟାଙ୍ଗର ମୁଣ୍ଡା ଗ୍ରାମର ସନାତନ ନାଏକ ବୋଲି ଜଣାପଡ଼ିଥିଲା। ଖବର ପ୍ରଚାର ପରେ ସନାତନଙ୍କ ପରିବାର ଲୋକେ ଥାନାକୁ ଆସିଥିଲେ। ସନାତନଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। ମଝିରେ ମଝିରେ ମାନସିକ ଭାରସାମ୍ୟ ହରାଇ ସେ ଏପରି କାଣ୍ଡ କରନ୍ତି। ହେଲେ ସେ ପିଲା ଚୋର ନୁହନ୍ତି ବୋଲି କହିଛନ୍ତି। ସନାତନଙ୍କ ନାମରେ କୌଣସି ଅପରାଧିକ ରେକର୍ଡ ନାହିଁ। ପରିବାର ଲୋକଙ୍କ କଥାରେ ସତ୍ୟତା ରହିଛି। ସନାତନ ମାନସିକ ରୋଗୀ ବୋଲି ପୁଲିସ୍ ମଧ୍ୟ ସ୍ପଷ୍ଟ କରିଛି।

# ୨୦ ଲକ୍ଷ ଟଙ୍କାର ଅଳଙ୍କାର ସହ ସାମଗ୍ରୀ ଜବତ : ୫ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଘରେ ପଶି ଚୋରି କରୁଥିବା ଏକ ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ ଠାବ କରିଛି ଭରତପୁର ଥାନା ପୁଲିସ। ସେମାନଙ୍କଠାରୁ ୨୦ଲକ୍ଷ ଟଙ୍କାର ସୁନା ରୁପା ଗହଣା ସହିତ ମୂଲ୍ୟବାନ ଘରୋଇ ଉପକରଣ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଘାଟିକିଆ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜେନାପୁର ଅଞ୍ଚଳର ମଞ୍ଜୁ ଡାକୁଆ (୪୦), ଆଶ ଜାକୁଆ (୩୨), ହଳଦିଆ ବସ୍ତିରେ ରହୁଥିବା ମିଟିକା ଡାକୁଆ(୩୬), ଫୋଖରୀ-ପୁଟରେ ରହୁଥିବା ଲିକୁ ଶବର (୨୮), ଲକ୍ଷ୍ମୀସାଗରରେ ରହୁଥିବା ଲକ୍ଷ୍ମଣ ପରିଡ଼ା(୩୨)। ଏହି



ଗ୍ୟାଙ୍ଗରେ ଜଣେ ନାବାଳକ ରହିଛି ଯିଏକି ମୁଖ୍ୟ ଅଭିଯୁକ୍ତ। ଅଭିଯୁକ୍ତ ମାନଙ୍କ ଠାରୁ ୧୭ଗ୍ରାମର ହୀରା ଅଳଙ୍କାର, ୨୫୦ଗ୍ରାମର ସୁନା ଅଳଙ୍କାର, ୧୯୦ ଗ୍ରାମର ରୁପା ଅଳଙ୍କାର, ଗୋଟିଏ ଟିଭି, ୪ଟି ଲାପଟପ୍, ୩ଟି ମୋବାଇଲ୍ ଫୋନ୍ ପୁଲିସ ଜବତ କରିଛି। ସୂଚନା ଯୋଗ୍ୟ ଗତ ୧୧ ତାରିଖ ଅପରାହ୍ନ ୪ଟାରେ କୋଳଥିଆ ସତ୍ୟସାଇ ଏନ୍‌କ୍ଲେଭର ମୁରଲେନ୍-୨୦ରେ ଚିନ୍ମୟ ଦଳାଇଙ୍କ ଘରେ ଚୋରି ହୋଇଥିଲା। ସେଠାରୁ ନଗଦ ୭୦ ହଜାର ଟଙ୍କା, ସୁନା, ରୁପା ଓ ହୀରା ଅଳଙ୍କାର ଚୋରି ହୋଇଯାଇ ଥିଲା। ଏନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା ବେଳେ ଆଜି କୋର୍ଟ ଚାଲଣ କରିଛି।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କାଂସ୍ୟ ଜିତିଲେ ଦୀପିକା

**ଫୁଲବାଣୀ**

କନ୍ଧମାଳ ଜିଲ୍ଲା ଟାଏକୋଣ୍ଡୋ ସଙ୍ଘ ଏବଂ ଫୁଲବାଣୀ ମାର୍ଶଲ ଆର୍ଟ୍ସ ଏକାଡେମୀର ଦୀପିକା ବୁରୁଯୁଲି ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ଉତ୍ତରପ୍ରଦେଶର ଆଗ୍ରାଠାରେ ଆୟୋଜିତ ୪୧ ତମ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ଜୁନିଅର ବାଳିକା ବିଭାଗରେ ସେ ଭାଗନେଇଥିଲେ। ଦୀପିକାଙ୍କୁ କୋଚ୍ ରମାକାନ୍ତ ବେହେରା, ପ୍ରୀତମ ପ୍ରଧାନ ଓ ମଦନ ଦଳବେହେରା ଏବଂ ଜିଲ୍ଲା ସଙ୍ଘ ସଭାପତି ପ୍ରତାପ କୁମାର ମୁଖୀ, ସମ୍ପାଦକ ପ୍ରଭାତ କୁମାର ସାହୁ ଓ ରାଜ୍ୟ ସଙ୍ଘ ସମ୍ପାଦକ ମନମୋହନ ଭଞ୍ଜ ପ୍ରମୁଖ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133/E -mail: eernbbngr@yahoo.in)

B-255

Ltr. No. 8518 // Dtd.-12.09.2024

INVITATTIONS FOR BIDS (IFB)
E-Procurement Bid Identification No.S.E-BNJ-R&B-10/2024-25.

| | | |
|---|---|---|
| 1. | Name of work | : P/R to Mujagada - Gallery Road (ODR) such as providing renewal coat with patch BUSG & SDBC from 1/023 to 1/493, 4/169 to 5/609, 7/698 to 8/212, 10/000 to 10/384 and 11/000 to 11/135 km. |
| 2. | No. of works | : Road work |
| 3. | No. of Covers | : Single Cover |
| 4. | Estimated cost | : Rs.41.537 lakhs |
| 5. | Period of Completion | : Two calendar month. |
| 6 | Date of time of availability of bid document in the portal | : From 12.00 Noon of dated 17.09.2024 to 5.00 PM. of dated 25.09.2024. |
| 7. | Last date/time for receipt of bids in the portal | : Up to 5.00 PM. of dated 25.09.2024. |
| 8. | Date of opening of bid documents | : At 11.00 A.M. of 26.09.2024 |
| 9. | Class of Contractor | : "B" Class Contractor |
| 10. | Name and address of officer inviting Bid | : Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Sd/- Superintending Engineer
Bhanjanagar (R&B) Division

OIPR-34015/11/0005/2425

# ପୁଣି ମାତିଲେ ଆପାର୍ଟମେଣ୍ଟ ଚୋର : ଲୁଟିନେଲେ ଅଧକିଲୋ ସୁନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ପୁଣି ମାତିଲେ ଆପାର୍ଟମେଣ୍ଟ୍ ଲୁଟେରା। ଚନ୍ଦକା ଥାନା ଗୋଠପାଟଣାରେ ଥିବା ଅକ୍ରୋପଲିସ ଆପାର୍ଟମେଣ୍ଟ୍ ବୈଜ୍ଞାନିକ ନାରାୟଣ ପରିଡ଼ାଙ୍କ ଘର ତାଲା ଭାଙ୍ଗି ଅଧକିଲୋ ଓଜନର ସୁନା ଅଳଙ୍କାର ଓ ୪୦ଟି ରୂପା କଏନ୍ ଲୁଟି ନେଇଛନ୍ତି। ଅଭିଯୋଗ ପାଇ ଚନ୍ଦକା ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ହେଲେ ଲୁଟେରାଙ୍କ ସଂପର୍କରେ କୌଣସି ସୁରାକ୍ ପାଇନାହିଁ। ଶୁକ୍ରବାର ବାରଙ୍ଗ ଅଞ୍ଚଳରୁ ଆପାର୍ଟମେଣ୍ଟ୍‌ରୁ ୩୦ ଭରି ଓଜନର ସୁନାଗହଣା ଲୁଟ୍ ହୋଇଥିବା ବେଳେ ଶନିବାର ୫୦ ଭରି ଓଜନର ସୁନା ଚୋରି ଘଟଣା ଆପାର୍ଟମେଣ୍ଟ୍ ବାସୀଙ୍କ ନିଦ ହଜାଇ ଦେଇଛି।



ତେଣୁ ରାଜଧାନୀରେ ଆପାର୍ଟମେଣ୍ଟ୍ବାସୀ କେତେ ସୁରକ୍ଷିତ ଏଥିରୁ ଜଳଜଳ ଦେଖା ଯାଉଛି। ଘଟଣାରୁ ଜଣାଯାଇଛି, ନ୍ୟାସନାଲ ମେଟାଲର୍ଜିକାଲ ଲାବୋରେଟୋରୀର ଚିଫ୍ ସାଇଣ୍ଟିଷ୍ଟ ନାରାୟଣ ପରିଡ଼ା ଚାକିରିରୁ ଅବସର ନେବା ପରେ ଗୋଠପାଟଣାସ୍ଥିତ ଆକ୍ରୋପଲିସ ଆପାର୍ଟମେଣ୍ଟ୍‌ର ଫ୍ଲାଟ୍ ନଂ- ୫୦୬ରେ ପରିବାର ସହ ରହୁଥିଲେ। ଜୁଲାଇ ୧୭ରେ ସେ ପରିବାର ସହ ୟୁରୋପରେ ରହୁଥିବା ପୁଅ ପାଖକୁ ବୁଲିବାକୁ ଯାଇଥିଲେ। ଅକ୍ଟୋବର ମାସରେ ସେମାନଙ୍କର ଫେରିବାର କାର୍ଯ୍ୟକ୍ରମ ଥିଲା। ଗତ ୧୨ ତାରିଖରେ ତାଙ୍କ କବାଟ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ପଡ଼ୋଶୀ ରାଜକୁମାର ଶାହଙ୍କ ଠାରୁ ସେ ସୂଚନା ପାଇଥିଲେ। ତେଣୁ ସେ ପରିବାର ସହ ସକାଳେ ଆସି ଆପାର୍ଟମେଣ୍ଟ୍‌ରେ ପହଞ୍ଚିଥିଲେ। ଘର ଭିତରେ ଦେଖିବା ବେଳେକୁ ୨ଟି ଆଲମିରା ତଡ଼ା ଯାଇଥିଲା। ଘର ଖଟ ଉପରେ ଓ ତଳେ ସମସ୍ତ ସୁନା ଅଳଙ୍କାର ବାକ୍ସ ଖୋଲା ହୋଇ ପଡ଼ିଥିଲା। ୫୦ ଭରିରୁ ଅଧିକ ଓଜନର ସୁନା ଅଳଙ୍କାର, ୪୦ଟି ରୂପା କଏନ୍ ଓ ୧୦ ହଜାର ଟଙ୍କା ଚୋରି ହୋଇଥିବା ଜଣା ପଡ଼ିଥିଲା। ଘର ଭିତରେ ଲାପ୍‌ଟପ ଠାରୁ ଆରମ୍ଭ କରି ବିଭିନ୍ନ ଦାମୀ ସାମଗ୍ରୀ ଥିବା ବେଳେ ଚୋରମାନେ ସେଥିରେ ହାତ ମାରି ନାହାନ୍ତି। ସେପଟେ ଆପାର୍ଟମେଣ୍ଟ୍ ବାସି ଦା ଅଭିଯୋଗ କରିଛନ୍ତି ଯେ ଆପାର୍ଟମେଣ୍ଟରେ ସିସି କ୍ୟାମେରା କାମ କରୁ ନାହିଁ। ସିକ୍ୟୁରିଟି ବ୍ୟବସ୍ଥା ମଧ୍ୟ ଦୁର୍ବଳ। ପାଚେରୀ ଅନେକ ସ୍ଥାନରେ ଭାଙ୍ଗି ଗଲାଣି। ବିଲ୍ଡର ମେଣ୍ଟେନାନ୍ସ ବାବଦରେ ଟଙ୍କା ନେଉଥିଲେ ମଧ୍ୟ ବାସିନ୍ଦାଙ୍କ ସୁରକ୍ଷା ଦିଗରେ କିଛି ବି ବ୍ୟବସ୍ଥା କରୁନାହାନ୍ତି। ସେପଟେ ବୈଜ୍ଞାନିକ ଶ୍ରୀ ପରିଡ଼ା ଏନେଇ ଚନ୍ଦକା ଥାନାରେ ଏତଲା ଦେଇଥିଲେ।

ପୁଲିସ ଏକ ମାମଲା ରୁଜୁକରି ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ସୂଚନା ଥାଉକି, ଗତବର୍ଷ ମଧ୍ୟ ପାର୍ବଣ ପୂର୍ବରୁ ରାଜଧାନୀରେ ମାତିଥିଲେ ଆପାର୍ଟମେଣ୍ଟ୍ ଲୁଟେରା। ସେପ୍ଟେମ୍ବର ଓ ଅକ୍ଟୋବର ୨ ମାସରେ ରାଜଧାନୀରୁ ୪୦ ଆପାର୍ଟମେଣ୍ଟରେ କଳାକନା ବୁଲାଇଥିଲେ।





# ମଣିପାଲ ହସ୍ପିଟାଲରେ ଆରମ୍ଭ ହେଲା ବୋନ୍ କ୍ୟାନସର ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଓଡ଼ିଶାବାସୀଙ୍କ ପାଇଁ ଖୁସୀ ଖବର, ବୋନ୍ କ୍ୟାନସର ଚିକିତ୍ସା ପାଇଁ ଆଉ ଯିବାକୁ ପଡିବ ନାହିଁ ରାଜ୍ୟ ବାହାରକୁ। ରାଜଧାନୀ ଖଣ୍ଡଗିରି ନିକଟରେ ଥିବା ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ଠାରେ ଆରମ୍ଭ ହେଲା ବୋନ୍ କ୍ୟାନସର ବା ଅସ୍ଥିଶଲ୍ୟ କର୍କଟ ରୋଗର ଚିକିତ୍ସା। ଦେଶର ବରିଷ୍ଠ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ୍ ଡାକ୍ତର ଶ୍ରୀମନ୍ତୁ ବି.ଏସ୍. ଆସନ୍ତା ୧୯ ତାରିଖ (ଗୁରୁବାର) ଦିନ ସକାଳ ୧୧ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ରୋଗୀଙ୍କୁ ପରାମର୍ଶ ଦେବେ। ଡାକ୍ତର ଶ୍ରୀମନ୍ତୁ ବର୍ତ୍ତମାନ ବେଙ୍ଗାଲୁରୁ ପୁରୁଣା ଏୟାରପୋର୍ଟ ରୋଡ ସ୍ଥିତ ମଣିପାଲ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି ଏବଂ ଚଳିତ ମାସ ଠାରୁ ପ୍ରତି ମାସରେ ଥରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ଆସିବେ ବୋଲି ସୂଚନା ଦେଇଛନ୍ତି। ବିଭିନ୍ନ ପ୍ରକାର ବୋନ୍ କ୍ୟାନସରର ଲକ୍ଷଣ ଯେପରିକି, ଦୀର୍ଘଦିନ ଧରି ହାଡ଼ରେ ଯବଣା, ଗଣ୍ଠି ଫୁଲିବା, ହାଡ ବଢ଼ିବା କିମ୍ବା ସାମାନ୍ୟ ଆଘାତରେ ହାଡ଼ ଭାଙ୍ଗିଯିବା ଭଳି ଲକ୍ଷଣ ଦେଖାଯାଉଛି, ତେବେ ଆଉ ଡେରି ନକରି ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରରେ ଡାକ୍ତର ଶ୍ରୀମନ୍ତୁ ବି.ଏସ୍.ଙ୍କ ସହିତ ପରାମର୍ଶ କରିପାରିବେ । ଜଣେ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ୍ ଭାବରେ ଡାକ୍ତର ଶ୍ରୀମନ୍ତୁ ବି.ଏସ୍. ସାରା ଭାରତର ବେଶ ସୁପରିଚିତ। ଦେଶ ବିଦେଶରେ ଅନେକ ପ୍ରତିଷ୍ଠିତ ମେଡିକାଲ ଯେପରିକି ଶ୍ରୀ ଦେବରାଜ ମେଡିକାଲ କଲେଜ, ଏମ୍ ଏସ୍ ରାମିହା ମେଡିକାଲ କଲେଜ, ସାଉଥ୍ କୋରିଆର ସେଉଲ ନ୍ୟାସନାଲ୍ ୟୁନିର୍ଭସିଟି, ଇଟାଲିର ରିଜେଇ ଅର୍ଥୋପେଡିକ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ମୁମ୍ବାଇ ଟାଟା ମେରିଆଲ କ୍ୟାନସର ହସ୍ପିଟାଲରୁ କାର୍ଯ୍ୟ କରିବା ଅଭିଜ୍ଞତା ରହିଛି ତାଙ୍କ ପାଖରେ। ପ୍ରାରମ୍ଭିକ ଷ୍ଟେଜ୍‌ରେ ବୋନ୍ ଟିମ୍ୟୁର ପାଇଁ ମିନିମାଲ୍ ଇନ୍‌ଭେସିପ ପଦ୍ଧତିରେ ସର୍ଜରୀ, ହାଡ଼ କିମ୍ବା ଟିସୁରେ କ୍ୟାନସର ହୋଇଥିଲେ ଅଙ୍ଗକୁ ରକ୍ଷା କରି ତା'ର ସର୍ଜରୀ, ପିଲାଙ୍କ ଅଙ୍ଗକୁ ରକ୍ଷା ସର୍ଜରୀ, ଟିମ୍ୟୁର ମେଗାପ୍ରୋଥେସିସ୍ ପୁର୍ନଗଠନ ଏବଂ ଆଭ୍ୟନ୍ତରୀଣ ହେମିପେଲଭେକ୍ଟୋମି ଓ ସାକ୍ରୋକ୍ଟେମି ଇତ୍ୟାଦି ଚିକିତ୍ସା କରିବାରେ ଡାକ୍ତର ଶ୍ରୀମନ୍ତୁ ବି.ଏସ୍.ଙ୍କ ରହିଛି ସ୍ୱତବ ପରିଚୟ। ଏ ସମ୍ପର୍କରେ ସୂଚନା ଦେଇ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇକ୍ଟେଟ ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି ଯେ, ମଣିପାଲ୍ ହସ୍ପିଟାଲ ଏବେ କ୍ୟାନସର ରୋଗର ସଫଳ ଚିକିତ୍ସା ପାଇଁ ଅଧିକ ଯତ୍ନବାନ ହୋଇଛି। ଡାକ୍ତର ଶ୍ରୀମନ୍ତୁ ବି.ଏସ୍.ଙ୍କ ଭଳି ଅଭିଜ୍ଞ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ୍ ପ୍ରତି ମାସରେ ମଣିପାଲ ହସ୍ପିଟାଲ, ଭୁବନେଶ୍ୱର ଆସିବା ଓଡ଼ିଶା ପାଇଁ ଗର୍ବର ବିଷୟ। ଅନେକ ରୋଗୀ ଏହାର ସୁଫଳ ନେଇ ପାରିବେ। ଆଗାମୀ ଦିନରେ ଅନ୍ୟାନ୍ୟ ବିଭାଗର ଅଭିଜ୍ଞ ଡାକ୍ତରମାନେ ମଧ୍ୟ ଆସିବାର ଯୋଜନା ରହିଛି।

# ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସରେ ଇଞ୍ଜିନୀୟରସ ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସ ରେ ୫୭ ତମ ଇଞ୍ଜିନୀୟରସ ଦିବସ ପାଳନ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଓଡିଶା ବିଧାନସଭା ର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବରେ ପ୍ରଫେସର ଡ଼ଃ ଧନୁଶ ଧାରୀ ମିଶ୍ର ଯୋଗ ଦେଇଥିଲେ । ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସ,ଓଡିଶା ଶାଖା ର ଅଧ୍ୟକ୍ଷ ପ୍ରଫେସର ଡ଼ଃ ସୁଧାଂଶୁ ଶେଖର ଦାଶ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠାନର ସମ୍ପାଦକ ଇଂ ସଂଗ୍ରାମ କେଶରୀ ପଟ୍ଟନାୟକ ଉପରୋକ୍ତ କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଦୀପ ପ୍ରଜ୍ୱଳନ ଓ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପରେ, ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସ,ଓଡିଶା ଶାଖାର ଅଧ୍ୟକ୍ଷ, ସମ୍ପାଦକ ନିଜ ନିଜ ର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାରତ ରତ୍ନ ଶ୍ରୀ ଏମ. ବିଶ୍ୱେଶରିଆଙ୍କ ବୈଷୟିକ କ୍ଷେତ୍ରରେ ଅବଦାନ, କାର୍ଯ୍ୟ ଶୈଳୀ ଏବଂ ଉଚ୍ଚଅଭିଳାଷ ବିଷୟରେ ଆବଶ୍ୟକତା, ଉପାଦେୟତା ଓ ଭବିଷ୍ୟତ ଉପଲବ୍ଧିତା ବିଷୟରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଇଞ୍ଜିନୀୟରସ ଦିବସରେ ୩୦୦ରୁ ଉର୍ଦ୍ଧ ଇଂଞ୍ଜିନିୟର, ଶିକ୍ଷାବିତ, ଗବେଷକ, ଶିଳ୍ପଉଦଦୋଗୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଭାଗ ନେଇଥିଲେ ! ଆଜିର ଏହି କାର୍ଯ୍ୟକ୍ରମରେ ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସ, ଓଡିଶା ଶାଖାର ବିଭିନ୍ନ ଯାନ୍ତ୍ରିକ ବିଭାଗର ସଭ୍ୟବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁରୁଖୁରୁରେ ସାରିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିଲେ । ଏହି ଦିବସ ପାଳନ ଅବସରରେ ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସର ବିଭିନ୍ନ ଯାନ୍ତ୍ରିକ ବିଭାଗରେ ପାରଦର୍ଶୀତା ଲାଭ କରିଥିବା ବୟୋଜ୍ୟେଷ୍ଠ ଇଞ୍ଜିନିୟରମାନଙ୍କୁ ସେମାନଙ୍କ ଜୀବନକାଳର କାର୍ଯ୍ୟ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ! ଶେଷରେ ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟରସ, ଓଡିଶା ଶକ୍ଷଖାର ସମ୍ପାଦକ ଇଂ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଂଜିନିୟର୍ସ ଦିବସର ଶୁଭକାମନା ଜଣାଇଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରାଜ୍ୟପାଳ ରଘୁବର ଦାସ ଇଂଜିନିୟରସ ଦିବସ ଅବସରରେ ଶୁଭକାମନା ଜଣାଇଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି. ଭାରତ ରତ୍ନ ତଥା ଦେଶର ମହାନ ଇଂଜିନିୟର ଡ. ଏମ ବିଶ୍ୱେଶ୍ୱରୈୟାଙ୍କ ଜୟନ୍ତୀରେ କୋଟି କୋଟି ପ୍ରଣାମ । ଦେଶର ପ୍ରଗତିରେ ନିଜର ଯୋଗଦାନ ଦେଇଥିବା ସମସ୍ତ ଇଂଜିନିୟର ମାନଙ୍କୁ ଇଂଜିନିୟର ଦିବସ ଅବସରରେ ହାର୍ଦିକ ଶୁଭକାମନା ।

## ପାର୍ବଣ ଋତୁରେ ମାତିଲେ ଲୁଟେରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଓ ଏହାର ଉପକଣ୍ଠରେ ପାର୍ବଣ ଋତୁରେ ଲୁଟେରା ମାନେ ମାତିଛନ୍ତି । କଳିଙ୍ଗ ବିହାର ଅଂଚଳରେ ଲୁଟେରା ମାନେ ଏକ ପଲସର ବାଇକରେ ଆସି ଜଣେ ବୟସ୍କା ମହିଳାଙ୍କ ବେକରୁ ଚେନ ଝାମ୍ପି ନେଇଥିବା ଜଣା ପଡିଛି । ସିସିଟିଭି ରେ ଲୁଟ ବେଳର ଚିତ୍ର କଏଦ ହୋଇଥିବା ବେଳେ ଏ ସମ୍ପର୍କରେ ତମାଣ୍ଡୋ ଥାନା ରେ ଅଭିଯୋଗ ହୋଇଛି ।

# ଭାରତୀୟ ଧୀବରଙ୍କୁ ଲଣ୍ଡା କରି ଛାଡ଼ିଲା ଶ୍ରୀଲଙ୍କା ନୌସେନା

**ନୂଆଦିଲ୍ଲୀ, ନ୍ୟୁଜ ବ୍ୟୁରୋ**



ଶ୍ରୀଲଙ୍କା ନୌସେନା ଦ୍ୱାରା ଗିରଫ ହୋଇଥିବା ତାମିଲନାଡୁର ୮ ଜଣ ଧୀବରଙ୍କ ମଧ୍ୟରୁ ୫ ଜଣ ଶେଷରେ ଘରକୁ ଫେରିଛନ୍ତି। ସେମାନଙ୍କୁ ଶ୍ରୀଲଙ୍କା ନୌସେନା ମୁକ୍ତ କରିବା ପରେ ସମସ୍ତେ ସିଧା ତାମିଲନାଡୁରେ ପହଞ୍ଚିଛନ୍ତି। ତେବେ ଧୀବରମାନଙ୍କୁ ମୁକ୍ତ କରିବା ପୂର୍ବରୁ ସେମାନଙ୍କୁ ବଳପୂର୍ବକ ଶ୍ରୀଲଙ୍କା ନୌସେନା ପକ୍ଷରୁ ଲଣ୍ଡା କରାଯାଇଥିଲା। ସେହିପରି ସେମାନଙ୍କୁ ନଳା ସଫା କରିବାକୁ ବାଧ କରାଯାଇଥିଲା। ଧୀବରମାନଙ୍କ ସହ ଏଭଳି ବ୍ୟବହାର ଖବର ସମସ୍ତଙ୍କୁ ଚକିତ କରିଛି। ଏହା ବିରୋଧରେ ଧୀବର ମାନଙ୍କ ପରିବାର ଲୋକ ଆପତ୍ତି ଉଠାଇଛନ୍ତି। ଅଗଷ୍ଟ ୨୭ ତାରିଖରେ ସାମୁଦ୍ରିକ ସୀମା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ୮ ଜଣ ଧୀବରଙ୍କୁ ଶ୍ରୀଲଙ୍କା ନୌସେନା ଗିରଫ କରିଥିଲା। ସେମାନଙ୍କୁ ଡଙ୍ଗାକୁ ମଧ୍ୟ ସିଜ କରାଯାଇଥିଲା। ତେବେ ସେପ୍ଟେମ୍ବର ୫ରେ କୋର୍ଟ ମାମଲାର ଶୁଣାଣି କରି ୫ ଜଣ ଧୀବରଙ୍କୁ ୫୦ ହଜାର ଟଙ୍କାର ଜୋରିମାନା ଆଦାୟ କରି ଛାଡ଼ି ଦେବାକୁ କହିଥିଲେ। ବାକି ୩ ଜଣଙ୍କୁ ୬ ମାସର ଜେଲଦଣ୍ଡ ମିଳିଥିଲା। କାରଣ ଏହି ୩ ଜଣ ଦ୍ୱିତୀୟ ଥର ପାଇଁ ମାଛ ମାରିବାକୁ ଆସି ଶ୍ରୀଲଙ୍କା ନୌସେନା ହାତରେ ଧରାପଡ଼ିଥିଲେ। ଜୋରିମାନା ସହ ଖଲାସ ନିର୍ଦ୍ଦେଶ ପାଇଥିବା ୫ ଜଣ ଧୀବରଙ୍କ ପରିବାର ଲୋକ ଋଣ କରି ଟଙ୍କା ଯୋଗାଡ଼ କରିଥିଲେ ଓ ସେପ୍ଟେମ୍ବର ୭ରେ ସେମାନଙ୍କୁ ଶ୍ରୀଲଙ୍କା ନୌସେନା ଖଲାସ କରିଥିଲା। ତେବେ ୫ ଧୀବର ଘରେ ପହଞ୍ଚିଲା ବେଳକୁ ସେମାନଙ୍କ ମୁଣ୍ଡରେ ଚୁଟି ନଥିଲା। ଶ୍ରୀଲଙ୍କା ନୌସେନା ବଳପୂର୍ବକ ସମସ୍ତଙ୍କୁ ଲଣ୍ଡା କରି ଦେଇଥିବା ପରିବାର ଲୋକ ଦେଖି ଚକିତ ହୋଇଥିଲେ। ଖଲାସ ଧୀବରମାନଙ୍କ କହିବା କଥା ଯେ ସେମାନଙ୍କୁ ହାତ କଡ଼ା ପକା ଯାଇଥିଲା। ଏହାପରେ ସେମାନଙ୍କୁ ବଳପୂର୍ବକ ଲଣ୍ଡା କରାଯାଇଥିଲା। ସେମାନଙ୍କ ପରିବାର ଲୋକ ସେପ୍ଟେମ୍ବର ୬ ତାରିଖ ସୁଦ୍ଧା ଜୋରିମାନା ଅର୍ଥ ଦାଖଲ କରିବାକୁ ସମର୍ଥ ହୋଇ ନଥିବାରୁ ସେମାନଙ୍କୁ ଏଭଳି ନିର୍ଯାତନା ଦିଆଯାଇଥିଲା। ରାଜା ନାମକ ଜଣେ ଧୀବର କହିଛନ୍ତି, "ଆମକୁ ବଳପୂର୍ବକ ଉଠାଇ ନିଆଯାଇଥିଲା। ଏହାପରେ ଆମକୁ ଲଣ୍ଡା କରାଯାଇଥିଲା। ଆମକୁ ୪ ମାସ ଜେଲ ହୋଇଥିବା ସେମାନେ କହିଥିଲେ ଓ ଜେଲ ଅଞ୍ଚଳକୁ ଆମ ଦ୍ୱାରା ସଫା କରାଇଥିଲେ। ଆମେ ଭାରତୀୟ ବୋଲି ଜାଣିବା ପରେ ସେମାନେ ପୂରା ରାଗି ଯାଇଥିଲେ। ଏହାପରେ ଆମକୁ ଅପରାଧୀଙ୍କ ଭଳି ବ୍ୟବହାର କରି ୩ ଦିନ କାଳ ଜେଲ ଓ ନଳା ସଫା କରାଇଥିଲେ।"

# ଅଘରିଆ ସମାଜ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ ଘାଟରେ ଯୋଗ ଦେଲେ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବିବାର ଝାରସୁଗୁଡ଼ା ପଂଚପଡ଼ା ଠାରେ ଅଖିଳ ଭାରତୀୟ ଅଘରିଆ ସମାଜ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ ଘାଟ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ସାମିଲ ହୋଇଛନ୍ତି । ଏହି ଅବସରରେ ସେ ଅଘରିଇ ସମାଜର ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶ୍ରୀ ପୁଜାରୀ କହିଛନ୍ତି ଯେ ନୂଆଁଖାଇ ପର୍ବ ସମସ୍ତ ପର୍ବରୁ ଭିନ୍ନ ଓ ନିଆରା କାରଣ ଏ ପର୍ବ ପାଳନ ଗୋଟିଏ ଦିନର ନୁହେଁ ବରଂ ନବାନ୍ନ ଲାଗିବା ଦିନ ଠାରୁ ମାସ ମାସ ଧରି ଦେଶ ବିଦେଶରେ ଧୁମ୍ ଧାମ୍ ରେ ପାଳନ ହୁଏ।

# ବାଣପୁରରେ ସୁଭଦ୍ରା ରଥକୁ ଶୁଭାରମ୍ଭ କଲେ ଆଇନ୍ ମନ୍ତ୍ରୀ ଓ ସାଂସଦ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁଭଦ୍ରା ଯୋଜନାର ପ୍ରଚାର ପ୍ରସାର ଏବଂ ଏହା ବିଷୟରେ ଜନସାଧାରଣଙ୍କୁ ବିସ୍ତୃତ ଭାବରେ ସୂଚନା ଦେବା ପାଇଁ 'ସୁଭଦ୍ରା ରଥ' ଗଡ଼ୁ ଥିବା ବେଳେ ଏହି କ୍ରମରେ, ରବିବାର ପୁରୀ ଲୋକସଭାର ବାଣପୁର ବ୍ଲକରେ ମଧ ପହଞ୍ଚିଛି । ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ସମ୍ବିତ ପାତ୍ର ଏବଂ ଅନ୍ୟ ବରିଷ୍ଠ ବ୍ୟକ୍ତି ବିଶେଷ ସବୁଜ ପତାକା ଦେଖାଇ ସୁଭଦ୍ରା ରଥକୁ ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ସାଂସଦ ଶ୍ରୀ ପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିବା ଏହି ଯୋଜନା ମହିଳାମାନଙ୍କ ସଶକ୍ତିକରଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଶ୍ଚୟ ନେବ ।

# 'ସୁଭଦ୍ରା'ରେ ସ୍ୱୟଂ ସମ୍ପୂର୍ଣ୍ଣା ହେବେ ମହିଳା: ପ୍ରଭାତୀ

**ଭୁବନେଶ୍ୱର, ୧୫।୯**
**ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ 'ସୁଭଦ୍ରା' ଯୋଜନାକୁ ନେଇ ମହିଳାଙ୍କ ମଧ୍ୟରେ ଉତ୍ସାହ ବଢୁଛି । ଏବେ ସୁଦ୍ଧା 'ସୁଭଦ୍ରା' ଯୋଜନା ପାଇଁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଆବେଦନ କରିସାରିଲେଣି ବୋଲି 'ସୁଭଦ୍ରା' ସଚେତନତା ପଦଯାତ୍ରାରେ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । 'ସୁଭଦ୍ରା' ଯୋଜନାରେ ରେଜିଷ୍ଟ୍ରେସନ ପାଇଁ ବଢୁଥିବା ଗହଳିକୁ ଦେଖି ସ୍ପଷ୍ଟ ଅନୁମେୟ ହେଉଛି ଯେ ଓଡ଼ିଶାରେ ମହିଳାମାନେ 'ସୁଭଦ୍ରା'କୁ ଆପଣେଇଛନ୍ତି ଏବଂ ଏହାକୁ ଏକ ସଫଳ ଯୋଜନା କରିବା ପାଇଁ ରାଜ୍ୟ ସରକାରଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଛିଡା ହୋଇଛନ୍ତି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ସାରା ରାଜ୍ୟରେ ଚାଲିଛି 'ସୁଭଦ୍ରା' ସଚେତନତା ପଦଯାତ୍ରା । ରାଜଧାନୀ ଭୁବନେଶ୍ୱରରେ ୟୁନିଟ-୩ ଗିରିଦୁର୍ଗା ମନ୍ଦିର ନିକଟରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ 'ସୁଭଦ୍ରା ସଚେତନତା ପଦଯାତ୍ରା' କରାଯାଇଛି । ଏହି ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହ ଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସାମିଲ୍ ହୋଇଥିଲେ । ୧୦୦ ଦିନ ଭିତରେ ଏଭଳି ଫ୍ଲାଗସିପ୍ ପ୍ରୋଗ୍ରାମ ମହିଳାଙ୍କ ପାଇଁ ଆଣିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । 'ସୁଭଦ୍ରା ସଚେତନତା ପଦଯାତ୍ରା' ଆରମ୍ଭ ପୂର୍ବରୁ ମଞ୍ଚରେ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ବିକଶିତ ହେବ ଏବଂ ମା'ମାନଙ୍କ ନେତୃତ୍ୱରେ ହେବ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି । ନିର୍ବାଚନ ପୂର୍ବରୁ ଦେଇଥିବା କଥାକୁ ରକ୍ଷା କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖ, ଜନ୍ମ ଦିନରେ ଓଡିଶା ଆସୁଛନ୍ତି । ଆସନ୍ତା ୧୭ ତାରିଖରେ ଶୁଭାରମ୍ଭ ହେବ ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନା । ୧୫ ତାରିଖ ଯାଏଁ ଯେଉଁମାନେ ଆବେଦନ କରିଥିବେ ସେମାନଙ୍କ ପାଖକୁ ୧୭ ତାରିଖରେ ବ୍ୟାଙ୍କରୁ ପ୍ରଥମ କିସ୍ତି ଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ମହିଳାଙ୍କର ଆର୍ଥିକ ଉନ୍ନତି ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ 'ସୁଭଦ୍ରା' ଯୋଜନାର ଅର୍ଥ ରାଶି ସିଧାସଳଖ ଆକାଉଣ୍ଟକୁ ପଠାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଓଡ଼ିଶାର ରାଜସ୍ୱଗାଁମାନଙ୍କରେ ଆୟୋଜିତ ହେଉଛି ୧୦ ହଜାର 'ସୁଭଦ୍ରା ପଦଯାତ୍ରା' । ଏବେ ସୁଦ୍ଧା 'ସୁଭଦ୍ରା' ଯୋଜନା ପାଇଁ ଆବେଦନ କରିସାରିଲେଣି ୬୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା, ଆଗକୁ ସଂଖ୍ୟା ଆହୁରି ବଢିବ ଏବଂ ସେପ୍ଟେମ୍ବର ୧୭ ସୁଦ୍ଧା ୧ କୋଟି ମହିଳା ପଞ୍ଜିକୃତ ହେବାର ଲକ୍ଷ୍ୟ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଗାଁମାନଙ୍କରେ ୭୪୦୦୦ ଜାଗାରେ ଅଙ୍ଗନବାଡି ଭଉଣୀମାନେ 'ସୁଭଦ୍ରା' ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ଅଭିଯାନ ସୁରୁଖୁରରେ ଚଳାଉଛନ୍ତି ଏବଂ ମିଶନ ଶକ୍ତି ମହିଳା, ପଞ୍ଚାୟତ ସ୍ତରୀୟ, ବ୍ଲକ୍ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ଫେଡେରେସନର ସମସ୍ତ ମା'ଭଉଣୀମାନେ 'ସୁଭଦ୍ରା' ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାର ଯେଉଁ ଉଦ୍ୟମ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। 'ସୁଭଦ୍ରା ସଚେତନତା ପଦଯାତ୍ରା' ରମାଦେବୀ ବିଶ୍ୱବିଦ୍ୟାଳୟ ନିକଟରେ ପହଞ୍ଚିବା ପରେ ସ୍ୱାଧୀନତା ସଂଗ୍ରାମୀ, ରାଜ୍ୟରେ ନାରୀ ସଶକ୍ତୀକରଣର ବାର୍ତ୍ତାବହ, ସେବା ଓ କରୁଣାର ପ୍ରତୀକ ମାଆ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଉପମୁଖ୍ୟମନ୍ତ୍ରୀ । ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ସହ ଉପମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଏବଂ ଭିତ୍ତିଭୂମି ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବା ଦିଗରେ ଆଲୋଚନା କରିଥିଲେ । ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

# ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ଠାରେ ଆୟୋଜିତ ସୁଭଦ୍ରା ସଚେତନତା ଶୋଭାଯାତ୍ରାରେ ସାମିଲ ହେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲାର ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ଠାରେ ଆୟୋଜିତ ସୁଭଦ୍ରା ସଚେତନତା ଶୋଭାଯାତ୍ରାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସାମିଲ ହୋଇଛନ୍ତି । ଉଲ୍ଲେଖନୀୟ ଯେ. ମହିଳାଙ୍କ ପ୍ରଗତି ଏବଂ ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ମାଧ୍ୟମ ସାଜୁଛି ସୁଭଦ୍ରା । ବୁର୍ଦ୍ଧା ଠାରେ ଆୟୋଜିତ ସୁଭଦ୍ରା ସଚେତନତା ଶୋଭାଯାତ୍ରାରେ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସମେତ ଶହ ଶହ ସଂଖ୍ୟାରେ ମା' ଓ ଭଉଣୀ ମାନେ ଯୋଗଦାନ କରି ସୁଭଦ୍ରା ଯୋଜନାର ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## କଟକ ଏସସିବି ମେଡିକାଲ କଲେଜରେ ଆରମ୍ଭ ହେବ ପିଏଚଡି ପାଠ୍ୟକ୍ରମ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଏସସିବି ମେଡିକାଲ କଲେଜରେ ଆରମ୍ଭ ହେବ ପିଏଚଡି ପାଠ୍ୟକ୍ରମ। ପ୍ରଥମେ ହେମାଟୋଲୋଜି ବିଭାଗକୁ ସେଣ୍ଟର ଫର ଏକ୍ସିଲାନସି ର ମାନ୍ୟତା ଦିଆଯାଇ ପିଏଚଡି ପାଠ୍ୟକ୍ରମ ଆରମ୍ଭ କରାଯିବାକୁ ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ । ଏସସିବି ପରିସରରେ ୧୪ତମ ହେମାଟୋଲୋଜି କଂଗ୍ରେସ ର କାର୍ଯ୍ୟକ୍ରମ ରେ ଯୋଗ ଦେଇ ଏହି ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ଏଭଳି ପିଏଚଡି ପାଠ୍ୟକ୍ରମରେ ଏହା ଓଡିଶାର ପ୍ରଥମ ପିଏଚଡି କାର୍ଯ୍ୟକ୍ରମ। ଏ ନେଇ ଓଡିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ସାହୁ ଏକ ସମ୍ମାନଜନକ ପ୍ରମାଣ ପତ୍ର ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଛନ୍ତି।




# ସୁରକ୍ଷିତ ନୁହେଁ ରାଜଧାନୀର ଆପାର୍ଟମେଣ୍ଟ

## ପୁଣି ଲୁଟ୍, କବାଟ ତାଡ଼ି ନେଇଗଲେ ୨୦ ଲକ୍ଷ ଟଙ୍କା ସୁନା ଅଳଙ୍କାର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅସୁରକ୍ଷିତ ରାଜଧାନୀ ଭୁବନେଶ୍ୱରର ଆପାର୍ଟମେଣ୍ଟ। ଆତଙ୍କ ଖେଳାଇଛନ୍ତି ଲୁଟେରା। ଯେମିତି ପୁଲିସକୁ ଆଦୌ ଖାତିର ନାହିଁ । ଚନ୍ଦକା ଥାନା ଅଞ୍ଚଳର ଗୋଠପାଟଣା ସ୍ଥିତ ଆକ୍ରୋପଲିସ୍ ଆପାର୍ଟମେଣ୍ଟରେ ଦୁଇ ଦୁଇଟି ଲୁଟ୍ ଘଟଣା ଫ୍ଲାଟ୍ ମାଲିକଙ୍କୁ ଭୟଭୀତ କରିଛି। ଦିନକ ତଳେ ଏହି ଆପାର୍ଟମେଣ୍ଟରୁ ଜଣେ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ଘରୁ ୫୦ ଭରିର ସୁନା ଅଳଙ୍କାର ଲୁଟ୍ ହୋଇଥିବା ବେଳେ ରବିବାର ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା କଥା ସାମ୍ନାକୁ ଆସିଛି। ନୂଆଁଖାଇ ପାଇଁ ସ୍ୱାମୀ-ସ୍ତ୍ରୀ ଗାଁକୁ ଯାଇଥିବା ବେଳେ କବାଟ ତାଡ଼ି ଲୁଟେରା ଲୁଟି ନେଇଛନ୍ତି ସୁନା ଅଳଙ୍କାର ଓ ଟଙ୍କା। ଘର ସାରା ଜିନିଷ ଏଣେତେଣେ ପକାଇ ଦେଇଛନ୍ତି। ସୁନାଗହଣା ଓ ଟଙ୍କା ଧରି ଫେରାର ହେବା ପୂର୍ବରୁ ଫ୍ରିଜରୁ ଫଳ ଓ ଥଣ୍ଡା ପାନୀୟ ପିଇବା ସହ ରୋଷେଇ ଘରୁ ଡ୍ରାଏଫ୍ରୁଟ୍ ଖାଇଛନ୍ତି ଲୁଟେରା। ଖବର ପାଇ ଚନ୍ଦକା ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛନ୍ତି। ତେବେ ଦୁଇ ଦୁଇଟି ଲୁଟପାଟ ଘଟଣା ସାମ୍ନାକୁ ଆସିବା ପରେ ନିଜ ସୁରକ୍ଷାକୁ ନେଇ ଆଶଙ୍କାରେ ଅଛନ୍ତି ଆପାର୍ଟମେଣ୍ଟବାସୀ। ଏହି ଆପାର୍ଟମେଣ୍ଟରେ ଲୋକଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ସଂପୃକ୍ତ ବିଲ୍‌ଡରଙ୍କୁ ଦାୟୀ କରିଛନ୍ତି। ସେ ଏଥିପ୍ରତି ଧ୍ୟାନ ଦେଉ ନଥିବା ଆପାର୍ଟମେଣ୍ଟବାସୀ ଅଭିଯୋଗ କରିଛନ୍ତି। ଖାଲି ଆପାର୍ଟମେଣ୍ଟ ନୁହେଁ, ରାଜଧାନୀର ରାସ୍ତାଘାଟରେ ବି ବୁଲୁଛନ୍ତି ଲୁଟେରା। ଆଜି ସକାଳେ କଳିଙ୍ଗ ବିହାର ଅଞ୍ଚଳରେ ଜଣେ ବୟସ୍କ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି ବାଇକ୍‌ରେ ଆସିଥିବା ୨ ଲୁଟେରା। ଏହି ଲୁଟ୍ ସମୟର ପୂରା ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଛି। କେ-୪ ଅଞ୍ଚଳର ଜଣେ ମହିଳା ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିବା ବେଳେ କଳା ରଙ୍ଗର ପଲସର୍ ଗାଡ଼ିରେ ଆସି ୨ ଜଣ ଲୁଟେରା ଛକି ରହିଥିଲେ। ବାଇକ୍ ଚଳାଉଥିବା ଯୁବକ ଗାଡ଼ିକୁ ଷ୍ଟାର୍ଟରେ ରଖିଥିଲା ବେଳେ ଅନ୍ୟ ଜଣେ ଲୁଟ୍ ପାଇଁ ପ୍ରସ୍ତୁତ ହୋଇ ରହିଥିଲା। ଆଉ ସୁବିଧା ଦେଖି ଏକୁଟିଆ ଯାଉଥିବା ସେହି ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଟାଣି ନେଇଥିଲା ଓ ବାଇକରେ ବସି ଫେରାର ହୋଇଯାଇଥିଲା। ତମାଣ୍ଡୋ ଥାନା ପୁଲିସ ନିଜଆଡ଼ୁ ଏକ ମାମଲା ରୁଜୁ କରି ଏହି ଘଟଣାର ତଦନ୍ତ କରୁଛି।

# ହୀରାକୁଦ ଜଳଭଣ୍ଡାରରେ ୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୬ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୪ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୨ଟି ସ୍ଲୁଇସ୍ ଗେଟ୍ ଖୋଲା ଅଛି ।

ଜଳଭଣ୍ଡର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୫ ହଜାର ୧୦୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୧ ହଜାର ୨୯୯ କ୍ୟୁସେକ ଜଳ ନିଷ୍କାସନ ହେଉଛି । ରବିବାର ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୮.୧୦ ଫୁଟ୍ ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦିଙ୍କ ପାଇଁ ...

ଭାବେ କିଛି ସୂଚନା ଦିଆଯାଇ ନାହିଁ। ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଅହମଦାବାଦରୁ ଭୁବନେଶ୍ୱର ଆସିବେ। ସକାଳ ୧୧ଟା ୩୫ରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସିଧା ଜନତା ମଇଦାନ ଯିବେ । ୧୨ଟାରୁ ୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ସେ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମ ସରିଲା ପରେ ସେ ପୁଣି ସିଧାସଳଖ ବିମାନବନ୍ଦର ଯାଇ ନୂଆଦିଲ୍ଲୀ ଫେରିଯିବେ।

## ପ୍ରବଳ ବର୍ଷା...

ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗଭୀର ଅବପାତ ରବିବାର ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଝାଡଖଣ୍ଡ ଓ ଉତ୍ତର ଛତିଶଗଡ଼ ଆଡକୁ ଅଗ୍ରସର ହେବ । ଏହାର ପ୍ରଭାବରେ ରବିବାର ରାତିସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ଜଣାପଡିଛି । ସେହିଭଳି ମୟୂରଭଞ୍ଜ, ବରଗଡ଼, ସୋନପୁର, ଅନୁଗୋଳ, କେନ୍ଦୁଝର ଓ ଦେବଗଡ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

## ଓଡ଼ିଶାରୁ ଗଡିଲା...

ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର ଷ୍ଟେସନରୁ ବନ୍ଦେ ଭାରତ ଏକ୍ସପ୍ରେସ ଗଡ଼ିବା ଆରମ୍ଭ କରିଛି । ଷ୍ଟେସନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ ବ୍ରହ୍ମପୁରରୁ ବାହାରି ବାଲୁଗାଁ, ଖୋର୍ଦ୍ଧାରୋଡ଼ ଭୁବନେଶ୍ୱର, କଟକ, ଜଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ, ନୟାଗଡ଼ ବାଂଶପାଣି, ଡାଙ୍ଗୋଆପୋଷି, ଚାଇବାସା ହୋଇ ଟାଟାନଗରରେ ପହଞ୍ଚିବ। ସେହିପରି ରାଉରକେଲା ଷ୍ଟେସନରୁ ପ୍ରଧାନମନ୍ତ୍ରୀ ରାଉରକେଲା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ରାଉରକେଲା ଷ୍ଟେସନରେ ରାଜ୍ୟପାଳ ରଘୁବର ଦାସ ଉପସ୍ଥିତ ଥିଲେ। ରାଉରକେଲା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ରାଉରକେଲାରୁ ହାୱଡ଼ା ମଧ୍ୟରେ କେବଳ ୩ଟି ଷ୍ଟେସନ ଚକ୍ରଧରପୁର, ଟାଟାନଗରରେ ଅଟକିବ । ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ ପତାକା ଦେଖାଇ କରିଛନ୍ତି । ଓଡ଼ିଶାରୁ ଦୁଇଟି ବନ୍ଦେ ଭାରତ ଗଡ଼ିଥିବାବେଳେ ଅନ୍ୟ ୪ଟି ବନ୍ଦେ ଭାରତ ଏକ୍ସପ୍ରେସ ମଧ୍ୟ ଶୁଭାରମ୍ଭ ହୋଇଛି । ସେଥିମଧ୍ୟରେ ଦେଓଘର-ବାରଣାସୀ, ଭାଗଲପୁର-ହାୱଡ଼ା, ଟାଟାନଗର-ପାଟନା ଏବଂ ଗୟା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ରହିଛି। ଏହା ସହିତ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରିମାଣକୁ ଅନଲାଇନରେ ସ୍ଥାନାନ୍ତର କରିଛନ୍ତି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ୬୫୦ କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ଭୁବନେଶ୍ୱର
୧୬ ସେପ୍ଟେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ସମ୍ପନ୍ନ



**ପୁରୀ ୧୫।୦୯ ନ୍ୟୁଜ ବ୍ୟୁରୋ**

ରବିବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ପାଳିନ ହୋଇଛି ବାମନ ଜନ୍ମ ନୀତି। ଆଜିର ଦିନରେ ଅଦିତିଙ୍କ ଠାରୁ ବାମନ ଜନ୍ମ ହୋଇଥିବାରୁ ଏହାର ସ୍ମୃତିକୁ ନେଇ ଏହି ଜନ୍ମ ନୀତି ଦ୍ୱିପ୍ରହର ଧୂପ ପରେ ପାଳିତ ହୋଇଥିଲା। ଏହି ଅବସରରେ ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରିବା ପରେ ରତ୍ନ ଭଣ୍ଡାର ନିକଟକୁ ଆସିଥିଲେ। ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ପୂଜପଣ୍ଡା ସାମନ୍ତ ବାମନଙ୍କ ସୁବର୍ଣ୍ଣ ପ୍ରତିମାରେ ଏହି ଜନ୍ମ ନୀତି ପାଳନ କରିଥିଲେ। ଏହାଛଡ଼ା ରବିବାର ମଧ୍ୟ ଗରୁଡ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ପରମ୍ପରା ଶ୍ରୀମନ୍ଦିରରେ ପାଳିତ ହୋଇଛି। ସେପଟେ ରବିବାର ଗଜପତିଙ୍କ ଶ୍ରୀନଅରରେ ସୁନିଆଁ ପର୍ବ ଅନୁଷ୍ଠିତ ହୋଇଛି। ଗଜପତି ମହାରାଜ ସିଂହାସନ ଆରୋହଣ କରିବା ପରେ ନୂତନ ଅଙ୍କ ବର୍ଷର ଘୋଷଣା କରିଥିଲେ। ରାଜଗୁରୁ ଓ ଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଭେଟି ମଧ୍ୟ ପ୍ରଦାନ କରିଥିଲେ।

### ଗ୍ଲୋବାଲ୍ ବାୟୋ ଇଣ୍ଡିଆ ମେଳା

## 'ସାମୁଦ୍ରିକ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ'

**ଭୁବନେଶ୍ୱର,୧୫/୦୯ ନ୍ୟୁଜ ବ୍ୟୁରୋ**

ଭାରତୀୟ ଅର୍ଥନୀତିକୁ ଆଗାମୀ ଦିନରେ ବାୟୋଟେକ୍ନୋଲୋଜି କ୍ଷେତ୍ର ସମୃଦ୍ଧ କରିବ । ଏଥିରେ ସାମୁଦ୍ରିକ ଜୈବ-ସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରିବ । ତେଣୁ ଏହାର ସଠିକ୍ ଉପଯୋଗ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଛି ବୋଲି ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ 'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪'ର ଦ୍ୱିତୀୟ ଦିନରେ 'ଟ୍ୟାପିଂ ଦି ବ୍ଲୁ ଇକୋନୋମି' ଶୀର୍ଷକରେ ଏକ ବିଶେଷ ଅଧିବେଶନ ହୋଇଥିଲା । ଏଥିରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଓଡ଼ିଶାରେ ଥିବା ବ୍ୟାପକ ସାମୁଦ୍ରିକ ସମ୍ବଳ ଭାରତୀୟ ବାୟୋ-ଅର୍ଥନୀତିକୁ ସମୃଦ୍ଧ କରିବ । ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ତଟ ଉପରେ ବ୍ୟାପକ ଗବେଷଣା ଲାଗି



ଯୋଜନା କରୁଛି । ଏହି ଗବେଷଣାରୁ ଯେଉଁ ଫଳ ବାହାରିବ ତାକୁ ଆଧାର କରି ରାଜ୍ୟରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ପାଇଁ ମୂଳଦୂଆ ପଡ଼ିବ । ଏହାକୁ ଆଧାର କରି ଷ୍ଟାର୍ଟଅପ୍ ଓ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଫଳରେ ଭବିଷ୍ୟତରେ ଓଡ଼ିଶା ବ୍ଲୁ-ଇକୋନୋମି କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହେବ । ବିଆଇଆରଏସିର ପରିଚାଳନା ନିର୍ଦ୍ଦେଶକ ଡ. ଜିତେନ୍ଦ୍ର କୁମାର ଉପସ୍ଥିତ ଥିଲେ । ବିସିକେଆଇସି ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଷ୍ଟେଟ୍ ରାଉଣ୍ଡ ଟେବୁଲ ବୈଠକ ହୋଇଥିଲା । ଏଥିରେ ବିଭାଗୀୟ ପ୍ରମୁଖ ସଚିବ ଚିତ୍ରା ଆରୁମୁଗମ୍, ବାୟୋଟେକ୍ନୋଲୋଜି କ୍ଷେତ୍ର ପାଇଁ ଓଡ଼ିଶାରେ ଥିବା ବିପୁଳ ସମ୍ଭାବନା ଓ ରାଜ୍ୟ ସରକାରଙ୍କ ନିବେଶ ଅନୁକୂଳ ସ୍ୱତନ୍ତ୍ର ନୀତି ବିଷୟରେ ମତ ରଖିଥିଲେ । କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା ଯାହା ୧୨ ତାରିଖରେ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି ।

## ବିବାହ ନାଁରେ ଏକାଧିକ ମହିଳାଙ୍କୁ ଠକେଇ

**ଭୁବନେଶ୍ୱର,୧୫/୯ ନ୍ୟୁଜ ବ୍ୟୁରୋ**

କ୍ରାଇମବ୍ରାଞ୍ଚ କବ୍‌ଜାରେ ରସିକିଆ ପ୍ରେମିକ। ବିବାହ ନାଁରେ ଏକାଧିକ ମହିଳାଙ୍କୁ କରିଥିଲା ଠକେଇ। ଅଭିଯୁକ୍ତ ହେଲା ଛେଣ୍ଡିପଦା ଅଞ୍ଚଳର ବିରଞ୍ଚି ନାରାୟଣ ନାଥ। ମହିଳାମାନଙ୍କୁ ଫସେଇବା ପାଇଁ ସୋସିଆଲ ମିଡ଼ିଆରେ ଖୋଲିଥିଲା ଫେକ ଆକାଉଣ୍ଟ। ନିଜକୁ ସରକାରୀ ଅଧିକାରୀର ପରିଚୟ ଦେଇ କରୁଥିଲା ଠକେଇ । କେତେବେଳେ ନିଜକୁ ରେଲୱେ କର୍ମଚାରୀ , ଇନକମ ଟ୍ୟାକ୍ସ ଇନସପେକ୍ଟର, କଷ୍ଟମ୍ସ ଅଫିସର ଓ ସେଣ୍ଟ୍ରାଲ ଏକସାଇଜ ଅଧିକାରୀ କହୁଥିଲା । ମେଟ୍ରିମୋନିଆଲ ସାଇଟରେ ବିବାହ କରିବାକୁ ପ୍ରସ୍ତାବ ଦେଉଥିଲା ଅଭିଯୁକ୍ତ । ଅନେକ ମହିଳାଙ୍କୁ ମନ୍ଦିରରେ ବିବାହ କରିଥିଲା।

## ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ସହ ଅଛନ୍ତି ଜେଏମ୍ଏମ୍‌ର ଲୋକ : ମୋଦି



**ନୂଆଦିଲ୍ଲୀ,୧୫।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଝାଡଖଣ୍ଡର ଜମଶେଦପୁରରେ ଏକ ରାଲିକୁ ସମ୍ବୋଧିତ କରି ଝାଡଖଣ୍ଡ ମୁକ୍ତ ମୋର୍ଚ୍ଚା ସରକାରଙ୍କୁ କରିଛନ୍ତି ଟାର୍ଗେଟ। ଜେଏମ୍ଏମ୍‌ର ଲୋକ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ଶରଣ ଦେଉଛନ୍ତି। ଏହି ଅନୁପ୍ରବେଶକାରୀ ଓ କଟ୍ଟରପନ୍ଥୀ ଜେଏମ୍ଏମ୍‌କୁ ମଧ୍ୟ ନିଜ କବ୍‌ଜାରେ ନେବାକୁ ଚାହାନ୍ତି। ସେମାନେ ଝାଡଖଣ୍ଡ ମୁକ୍ତ ମୋର୍ଚ୍ଚା ଭିତରକୁ ପଶି ଆସିଛନ୍ତି। ଜେଏମ୍ଏମ୍ ଭିତରେ କଂଗ୍ରେସର ଭୁତ ପଶି ଯାଇଛି। ଯେତେବେଳେ କୌଣସି ପାର୍ଟି ଭିତରେ କଂଗ୍ରେସର ଭୁତ ପଶିଯାଏ, ସେତେବେଳେ ତୁଷ୍ଟିକରଣ ହିଁ ସେହି ଦଳର ଏକମାତ୍ର ଏଜେଣ୍ଡା ପାଲଟିଯାଏ। ଏଥିପାଇଁ ସବୁଠାରୁ ପ୍ରଥମେ ଏହି ଲୋକ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କର ବଳି ଚଢାନ୍ତି। ଏଭଳି ସ୍ଥିତି ଜେଏମ୍ଏମ୍‌ର ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, କ୍ରାନ୍ତି ଓ ବଳିଦାନର ଏହି ପୃଥିବୀ, ଭଗବାନ ବିର୍ସା ମୁଣ୍ଡାଙ୍କ ତପସ୍ୟା, ତ୍ୟାଗ ଓ ଆଶୀର୍ବାଦର ଏହା ହେଉଛି ମାଟି। ମୁଁ ଝାଡଖଣ୍ଡର ଏହି ମାଟିକୁ ପ୍ରଣାମ କରୁଛି। ଆଜି କରମା ପୂଜାର ଉତ୍ସାହ ଭିତରେ ଆସିବା ପୂର୍ବରୁ ମୋତେ ଝାଡଖଣ୍ଡର ବିକାଶର ପାଇଁ ଘୋଷଣା କରିବାର ସୌଭାଗ୍ୟ ମିଳିଛି। ମୁଁ ଆପଣ ସମସ୍ତଙ୍କୁ କରମା ପର୍ବର ଅଭିନନ୍ଦନ ଜଣାଉଛି।' ଚମ୍ପାଇ ସୋରେନ୍‌ଙ୍କ ବିଷୟରେ ଆଲୋଚନା କରି ମୋଦି କହିଛନ୍ତି, ଜେଏମ୍ଏମ୍ ପାଇଁ ଆଦିବାସୀ ସମାଜର ସମ୍ମାନ ନୁହେଁ ରାଜନୈତିକ ଲାଭ ସବୁଠାରୁ ଉପରେ। ରବିବାର ଝାଡଖଣ୍ଡର ଗରିବ ଆଦିବାସୀ ପଚାରୁଛି କ'ଣ ଚମ୍ପାଇ ସୋରେନ୍ ଆଦିବାସୀ ନଥିଲେ। କ'ଣ ସେ ଏକ ଗରିବ ପରିବାରର ନଥିଲେ। କିନ୍ତୁ ଯେଉଁଭଳି ଭାବରେ ତାଙ୍କୁ ଅପମାନିତ କରାଗଲା, ଯେଉଁ ଭଳି ମୁଖ୍ୟମନ୍ତ୍ରୀ ଆସନ ପାଇବା ପାଇଁ ତାଙ୍କୁ ଅପମାନିତ କରାଗଲା, ତା'ଦ୍ୱାରା ଝାଡଖଣ୍ଡର ଗରିବ ଆଦିବାସୀଙ୍କ ହୃଦୟକୁ ଗଭୀର ଆଘାତ ଲାଗିଛି। ଆମେ କେନ୍ଦ୍ରରେ ରହି ଝାଡଖଣ୍ଡର ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପଣ ଓ ସେବା ଭାବରେ କାମ କରୁଛୁ। ମୁଁ ଆପଣଙ୍କୁ ବିଶ୍ୱାସ ଦେଉଛି, ଆପଣ ରାଜ୍ୟ ସରକାରରେ ବିଜେପିକୁ ସୁଯୋଗ ଦିଅନ୍ତୁ, ଝାଡଖଣ୍ଡର ବିକାଶ ପାଇଁ ବିଜେପି କୌଣସି ଅଭାବ ରଖିବନି।'

### କିଟ୍‌ରେ କାହୋ ପକ୍ଷରୁ ବିଶ୍ୱ ରୋଗୀ ସୁରକ୍ଷା ଦିବସ ପାଳିତ

## ଚିକିତ୍ସା ସହ ରୋଗୀଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ : ଅଚ୍ୟୁତ ସାମନ୍ତ



**ଭୁବନେଶ୍ୱର, ୧୫।୯ ନ୍ୟୁଜ ବ୍ୟୁରୋ**

ରୋଗୀ ସୁରକ୍ଷା ଓ ଉପଯୁକ୍ତ ନିଦାନ ଲକ୍ଷ୍ୟରେ କନସୋର୍ଟିଅମ୍ ଅଫ୍ ଆକ୍ରିଡିଟେଡ୍ ହସ୍ପିଟାଲ୍ ଅର୍ଗାନାଇଜେସନ୍ସ (କାହୋ) ପକ୍ଷରୁ କିଟ୍‌ରେ ପୂର୍ବାଞ୍ଚଳ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କିଟ୍‌ରେ ପ୍ରଥମ ଥର ଲାଗି ସମଗ୍ର ପୂର୍ବାଞ୍ଚଳରେ ବିଶ୍ୱ ରୋଗୀ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଦେଶର ବହୁ ଡାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟସେବା ପ୍ରଫେସନାଲ୍‌ମାନେ ଯୋଗଦେଇ ରୋଗୀର ସୁରକ୍ଷା, ଉନ୍ନତ ଚିକିତ୍ସା ତଥା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଓ ସମାଜ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ନେଇ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଦେଶରେ ରୋଗୀ ସଂଖ୍ୟା ବଢୁଥିବା ବେଳେ ଚିକିତ୍ସା ସହ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିମ୍ସର ଉଦାହରଣ ଦେଇ ଡ. ସାମନ୍ତ କହିଲେ, କିମ୍ସରେ ସାଧାରଣ କର୍ମଚାରୀଠାରୁ ଆରମ୍ଭ କରି ମେଡିକାଲ୍ କଲେଜର ଅଧ୍ୟକ୍ଷ ଓ ଅଧୀକ୍ଷକଙ୍କ ପର୍ଯ୍ୟନ୍ତ ରୋଗୀର କୌଣସି ଅବହେଳା ଯେପରି ନହୁଏ ସେଥିପାଇଁ ତତ୍ପର ରହିଥାନ୍ତି। ଏଭଳି ସମ୍ମିଳନୀ ଆୟୋଜନ ପାଇଁ ଡ. ସାମନ୍ତ 'କାହୋ'କୁ ଧନ୍ୟବାଦ ଜଣାଇଥିଲେ । 'କାହୋ'ର ସଭାପତି ଡା. ବିଜୟ ଅଗ୍ରୱାଲ୍ ରୋଗୀର ଯତ୍ନ ଓ ସୁରକ୍ଷା ପାଇଁ ଦୃଢ଼ ନେତୃତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରି ସେ କହିଲେ, ତାଙ୍କ ଭଳି ବ୍ୟକ୍ତି ଏ ଦିଗରେ ଆଗକୁ ଆଗେଇ ଆସିଲେ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଓ ସମାଜ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ। ଆସୋସିଏସନ୍ ଅଫ୍ ହେଲ୍‌ଥକେୟାର ପ୍ରୋଭାଇଡରସ (ଇଣ୍ଡିଆ) ଓ କାହୋର ମୁଖ୍ୟ ପୃଷ୍ଠପୋଷକ ଡା. ଗିରିଧର ଜେ ଜ୍ଞାନୀ କହିଲେ, ରୋଗୀ ସୁରକ୍ଷା ପାଇଁ ଉତ୍ତମ ଭିତ୍ତିଭୂମି ଓ ଉନ୍ନତ ଶିକ୍ଷା ଅତ୍ୟନ୍ତ ଆବଶ୍ୟକ। କାହୋର ସାଧାରଣ ସମ୍ପାଦକ ଲାଲୁ ଯୋଶେଫ ସମସ୍ତ ରୋଗୀଙ୍କୁ ସମାନ ଦୃଷ୍ଟିରେ ଚିକିତ୍ସା କରାଯିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଏ. ପି. ମହାନ୍ତି, ଅକ୍ଷୀକ୍ଷକ ଡା. ଆର ସି ଦାସ କିମ୍ସରେ ଗୁଣାତ୍ମକ ଚିକିତ୍ସା ଓ ରୋଗୀ ସୁରକ୍ଷା ଉପରେ ସେମାନଙ୍କ ମତ ଦେଇଥିଲେ।

## ଆଜିଠୁ ବିଶ୍ୱକର୍ମା ପୂଜା : ସଜେଇ ହୋଇଛି ନାଲ୍‌କୋନଗର

**ବଆଁରପାଳ,୧୫/୦୯ ନ୍ୟୁଜ ବ୍ୟୁରୋ**

ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ । ଆଉ କିଛି ଘଣ୍ଟା ପରେ ଆରମ୍ଭ ହେବ ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା । ବିଶ୍ୱ ବିନ୍ଧାଣି ପ୍ରଭୁ ଶ୍ରୀ ବିଶ୍ୱକର୍ମାଙ୍କ ଆରାଧନା ପାଇଁ ଆଲୁମିନିୟମ୍ ନଗରୀ ନାଲ୍‌କୋ ନୂଆ ବୋହୂ ପରି ସଜେଇ ହୋଇଛି । ୧୯ଟି ପୂଜା ମଣ୍ଡପରେ ବିଶ୍ୱ ବିନ୍ଧାଣି ବିରାଜିବେ । ରଙ୍ଗୀନ୍ ଆଲୋକ ଓ ଆଖିଝଲସା ତୋରଣ ଓ ମେଢ଼ ବେଶ୍ ଆକର୍ଷଣୀୟ ହୋଇଛି । ମେଢ଼ ଓ ତୋରଣକୁ ଆକର୍ଷଣୀୟ କରି ଲୋକଙ୍କ ମନ ଜିଣିବାକୁ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ କାରିଗର ଜୋରଦାର ପ୍ରସ୍ତୁତି କରିଛନ୍ତି । କାଷ୍ଟହାଉସ୍-ଏ, ପଟ୍‌ଲାଇନ୍, କାଷ୍ଟହାଉସ୍-ବି, ପଟ୍‌ଲାଇନ୍ ବିଦ୍ୟୁତ ବିଭାଗ, ସିପିପି ବିଦ୍ୟୁତ ବିଭାଗ, ରଡ଼ିଂସପ୍-୧, ସିପିପି ଅପରେସନ, ସିପିପି ସିଏଚ୍‌ପି, ଜିଏପି ମ୍ୟାଟେରିଆଲ ଷ୍ଟୋର, ବେକ୍‌ଓଭନ, କାର୍ବନ ଏରିଆ, ରୋଲିଂ ପ୍ଲାଣ୍ଟ, କାର୍ବନ ଏରିଆ ବିଦ୍ୟୁତ ବିଭାଗ, ରଡ଼ିଂସପ୍-୨, ସଭିଲ ପମ୍ପହାଉସ୍, ୨୨୦ କେଭି ବିଦ୍ୟୁତ୍ ବିଭାଗ ଏବଂ ନାଲ୍‌କୋ ଠିକାଦାର ସଂଘ ଆଦି ପକ୍ଷରୁ ମେଢ଼ ଏବଂ ପାର୍ଶ୍ୱମେଢ଼ ନିର୍ମାଣ କ୍ଷେତ୍ରରେ ପ୍ରତିଯୋଗିତା ଦେଖିବାକୁ ମିଳିଛି । ପୂଜା କମିଟିଗୁଡ଼ିକ ବିଭିନ୍ନ ବିଷୟ ବସ୍ତୁକୁ ନେଇ ତୋରଣ ପ୍ରସ୍ତୁତ କରିଛନ୍ତି। ଅବିକଳ ଶ୍ରୀମନ୍ଦିର ସଦୃଶ ତୋରଣ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କ ବେଶ୍ ନଜର ରହିଛି । ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବିଶ୍ୱକର୍ମା ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ବାରିପଦା ଓ ବଲାଙ୍ଗୀରରେ ସଡ଼କ ଦୁର୍ଘଟଣା : ୬ ମୃତ, ୯ ଆହତ




**ବାରିପଦା/ବଲାଙ୍ଗୀର, ୧୫/୯ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ଦୁଇଟି ପୃଥକ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୪ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୯ଜଣ ଆହତ ହୋଇଛନ୍ତି। ବାରିପଦା ସହର ଉପକଣ୍ଠ ରଙ୍ଗାମାଟିଆ ଲୁଲୁଙ୍ଗ ରାସ୍ତାର ଖସାଡିହା ନିକଟରେ ଏକ ବୋଲେରୋ ଭାରସାମ୍ୟ ହରାଇ ଗଛରେ ପିଟିହେବାରୁ ଡ୍ରାଇଭର ସମେତ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନେ ବାଲିଡିହା ଗ୍ରାମରେ ବୋଲି ଜଣାଯାଇଛି। ବାଲିଡିହାରୁ ୧୩ ଜଣ ଏକ ବୋଲେରୋରେ କୌଣସି କାମରେ ତାରଯୋଡ଼ି ଗାଁକୁ ଯାଉଥିଲେ। ଏହି ସମୟରେ ଖସାଡିହା ନିକଟରେ ବୋଲେରୋଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଡ୍ରାଇଭର ସମେତ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ବାରିପଦା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହିପରି ବାରିପଦା ସହର ଉପକଣ୍ଠ ପାଲବଣି ବାଇପାସ୍ ଛକଠାରେ ବାଇକ୍ ଆରୋହୀଙ୍କୁ ଟ୍ରକ୍ ପଛରୁ ଧକ୍କା ଦେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟଙ୍କ ଘର ନୁରୁଡିହି ଗାଁର ବୋଲି ଜଣାଯାଇଛି। ଯୁବକ ୨ ଜଣ ବାଇକ୍‌ରେ କରମ ନାଟରେ ସାମିଲ ହେବାକୁ ଯାଉଥିବା ବେଳେ ସେମାନଙ୍କୁ ପଛରୁ ଟ୍ରକଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ସେହିପରି ବଲାଙ୍ଗିର ଜିଲ୍ଲା ସମ୍ବଲପୁର ଜାତୀୟ ରାଜପଥ୨୬ର ମାଧିଆପାଲି ନିକଟରେ ୨ ଯୁବକଙ୍କ ଉପରେ ମାଡ଼ିଗଲା ଅଜଣା ଗାଡ଼ି । ଏହି ଦୁଇ ମୃତ ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ। ରବିବାର ସକାଳେ ୨ ଯୁବକଙ୍କ ମୃତଦେହ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ନିକଟରେ ପଡ଼ିଥିବା ବାଇକ୍‌କୁ ଜବତ କରିଛି। ଦୁଇ ଯୁବକ ବାଇକ୍‌ରେ ଯାଉଥିବା ବେଳେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ କରୁଛି।

### ଭିତରକନିକାରେ ସରିଲା ଦେଶୀୟ ପକ୍ଷୀ ଗଣନା

## ଗତବର୍ଷ ଠାରୁ ୬୨୫୬ ଅଧିକ ପକ୍ଷୀଙ୍କ ଆଗମନ



**କେନ୍ଦ୍ରାପଡା, ୧୫/୯ ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଶେଷ ହୋଇଛି । ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇ ଏବେ ଶେଷ ହୋଇଥିଲା। ରାଜନଗର ବନଖଣ୍ଡର କନିକା ଓ ରାଜନଗର ରେଞ୍ଜରେ ଗଣନା କରାଯାଇଥିଲା । ଗତବର୍ଷ ଠାରୁ ୬୨୫୬ଟି ଅଧିକ ପକ୍ଷୀଙ୍କ ଅଭିବୃଦ୍ଧି ଘଟିଛି। ପାଞ୍ଚ ଦିନ ଧରି ୪ଟି ଟିମ୍ ଗଣନା କାମରେ ଲାଗିଥିଲେ । କନିକା ରେଞ୍ଜ ଅନ୍ତର୍ଗତ ଭିତରକନିକା ଭିତରେ ଥିବା ମଠଆଡିଆରେ ୧୨ ହଜାର ୫ ଶହ ୨ଟି ବସା ଚିହ୍ନଟ କରାଯାଇଛି । ଲକ୍ଷ୍ମୀପ୍ରସାଦଡିଆରେ ୧୨ହଜାର ୭ ଶହ ୨ଟି ବସା, ଦୂର୍ଗାପ୍ରସାଦଡିଆରେ ୧୫ ଶହ ୪୮ ଟି ବସା ଓ ରାଜନଗର ରେଞ୍ଜ ଅନ୍ତର୍ଗତ ଜାତୀୟ ଉଦ୍ୟାନର ସୀମାସରହଦର ବାହାରେ ଦ୍ୱିତୀୟ ବର୍ଷରେ ବାଲିଡିଆରେ ୫୦୨ଟି ବସା ଚିହ୍ନଟ ହୋଇଛି । ମୋଟ ୧୩୦୦ ଟି ଗଛରେ ୨୭୨୮୨ଟି ବସାରେ ୧୩୦୧୨୩ଟି ପକ୍ଷୀ ଗଣନା ହୋଇଛି ।

## ଗୁଣି ଗାରେଡି ସନ୍ଦେହରେ ଗୋଟିଏ ପରିବାରର ୫ ଜଣଙ୍କୁ ହତ୍ୟା

**ମାଲକାନଗିରି ୧୫/୦୯ ନ୍ୟୁଜ ବ୍ୟୁରୋ**

ମାଲକାନଗିରି ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ଅଭାବନୀୟ ଘଟଣା। କଳା ଯାଦୁ ସନ୍ଦେହରେ ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କୁ ହତ୍ୟା କରିଛନ୍ତି ଗ୍ରାମବାସୀ । ମୃତକଙ୍କ ମଧ୍ୟରେ ତିନିଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ଅଛନ୍ତି । ରବିବାର ଗାଁର କିଛି ଲୋକ ଧାରୁଆ ଅସ୍ତ୍ରରେ ସମସ୍ତଙ୍କୁ ହତ୍ୟା କରିଛନ୍ତି । କୋଣ୍ଟା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁଯାଇ କୋଣ୍ଟା ଥାନା ଅନ୍ତର୍ଗତ ଇଟାଲ ଗାଁରେ ରହୁଥିବା କିଛି ଲୋକେ ସେମାନଙ୍କ ପରିବାର ଲୋକକୁ ହରାଇବା ଲାଗି ଗାଁର ଏକ ନିର୍ଦ୍ଦିଷ୍ଟ ପରିବାର ତାଙ୍କ ଉପରେ ଗୁଣି ଗାରିଡି କରୁଥିବାର ସନ୍ଦେହ କରିଥିଲେ । ରବିବାର କିଛି ଗ୍ରାମବାସୀ ଉକ୍ତ ପରିବାର ଘରେ ପ୍ରବେଶ କରି ତିନି ଜଣ ମହିଳାଙ୍କ ସହ ମୋଟ ପାଞ୍ଚ ଜଣଙ୍କୁ ହତ୍ୟା କରିଛନ୍ତି । ଖବର ପାଇ କୋଣ୍ଟା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ, ୧୫/୯**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୨ (୭୧.୭୭) ପଏଣ୍ଟ କମି ୮୨,୮୯୧ (୮୨,୮୯୦.୯୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୨ (୩୨.୪୦) ପଏଣ୍ଟ ହ୍ରାସ ଘଟି ୨୫,୩୫୬ (୨୫,୩୫୬.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ନର୍ଲା ଉତ୍ତର ବନଖଣ୍ଡରେ ହାତୀ ଓ ମଣିଷ ଅଶାନ୍ତ

### ହାତୀ ମୃତ୍ୟୁର ପ୍ରଦର୍ଶନୀ ସାଜିଛି ନର୍ଲା ବନାଞ୍ଚଳ



**ନର୍ଲା, ୧୫/୯ ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ବନାଞ୍ଚଳରେ ଗତ କିଛି ବର୍ଷ ହେଲା ହାତୀ ମୃତ୍ୟୁର ପ୍ରଦର୍ଶନୀ ସାଜିଛି। କେବଳ ହାତୀ ନୁହେଁ, ହାତୀ ସହିତ ମଣିଷର ମଧ୍ୟ ଜୀବନ ଯାଇଛି। ହାତୀ ପାଇଁ ବର୍ଷବର୍ଷ ହେଲା ଲୋକଙ୍କ ପାଇଁ ରାତି ଯନ୍ତ୍ରଣାମୟ ପାଲଟିଛି। ଏହାର କାରଣ ହାତୀ ଜୀବନ ବଞ୍ଚାଇବାକୁ ସଂଧ୍ୟାରୁ ସକାଳ ଯାଏଁ ଅଞ୍ଚଳରୁ ବିଦ୍ୟୁତ କାଟ କରାଯାଉଛି। ଏପଟେ ହାତୀପଲ ମଧ୍ୟ ଅଶାନ୍ତ ହୋଇ ପଡ଼ିଛନ୍ତି। ଚତୁର୍ଦ୍ଦିଗରୁ ଚାଷୀମାନେ ହାତୀ ଘଉଡ଼ାଇବା କାରଣରୁ ଅଶାନ୍ତ ଉତ୍ତ୍ୟକ୍ତ ହାତୀ ମଣିଷକୁ ଆକ୍ରମଣ କରୁଛନ୍ତି। ଉଭୟ ହାତୀ ଓ ମଣିଷ ଅଶାନ୍ତ ରହୁଛନ୍ତି। ହାତୀ ଆକ୍ରମଣରେ ମଣିଷ ଜୀବନ ନଷ୍ଟ ହେଉଛି ଓ ହାତୀର ପ୍ରାଦୁର୍ଭାବରେ ଚାଷୀଙ୍କ ଚାଷ ସମ୍ପଦ ନଷ୍ଟ ହେଉଛି, ଯାହା ଏକ ବିରାଟ ସମସ୍ୟା ହୋଇ ଠିଆ ହୋଇଛି। ହାତୀ ପାଇଁ ସମସ୍ତେ ଅଶାନ୍ତ ହୋଇ ପଡ଼ିଛନ୍ତି। ଗତ ୨ବର୍ଷ ମଧ୍ୟରେ ଚାରି ହାତୀର ମୃତ୍ୟୁ ଘଟିଥିବାବେଳେ ବନବିଭାଗ ଏ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରୁଛି ତାହା ଅସମାହିତ ରହିଛି। ଗତ କିଛି ବର୍ଷ ହେଲା ଏହି ଅଞ୍ଚଳରେ ଜଙ୍ଗଲ ପ୍ରାୟ ପଦା ହୋଇ ସାରିଛି। ଏହାର କାରଣ ବନବିଭାଗକୁ ନା ଜଙ୍ଗଲ ମାଫିଆମାନଙ୍କୁ ଦିଆଯିବ ତାହା ତ ସମସ୍ତଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଲୋଚନାର ବିଷୟ। ସୂଚନାଯୋଗ୍ୟ, ନର୍ଲା ନବୋଦୟ ବିଦ୍ୟାଳୟରୁ ଦୁଇ ଶହ ମିଟର ଦୂରରେ ଏକ ମାଈ ହାତୀର ମୃତ୍ୟୁ ଆଲୋଚନାର ବିଷୟ ସାଜିଛି। ନର୍ଲା ନବୋଦୟ ବିଦ୍ୟାଳୟରୁ ଦୁଇ ଶହ ମିଟର ଦୂରରେ ଏକ ମାଈ ହାତୀ ମରି ପଡ଼ିଥିବା ନର୍ଲା ବନବିଭାଗ ସୂଚନା ପାଇଥିଲା। ପାରିପାର୍ଶ୍ୱିକ ଅବସ୍ଥିତିକୁ ଦେଖିଲେ ହାତୀ ମୃତ୍ୟୁର କାରଣ ବିଦ୍ୟୁତ୍ ଆଘାତରୁ ହୋଇଥିବା ଜଣାପଡୁଛି। ହେଲେ ଏହା ଆନୁଷ୍ଠାନିକ ଭାବରେ କେହି ସ୍ପଷ୍ଟ କରିନାହାନ୍ତି। ଚାଷ ସୁରକ୍ଷା ପାଇଁ ହେଉ କିମ୍ବା ବାର୍‌ହା ଶିକାର ପାଇଁ ହେଉ ଜଙ୍ଗଲ ମାଫିଆମାନେ ହାତୀମାନଙ୍କୁ ବିଦ୍ୟୁତ୍ ଆଘାତ ଦେଇ ମାରିଥିବା ଆଲୋଚନା ହେଉଛି। ଏଠାରେ ସୂଚନାଯୋଗ୍ୟ, ଗତ ପ୍ରାୟ ଦୁଇ ବର୍ଷ ମଧ୍ୟରେ ଏହି ବନାଞ୍ଚଳରେ ଚାରିଟି ହାତୀର ମୃତ୍ୟୁ ଘଟିଥିବାବେଳେ ନିଜ ଚାଷର ସୁରକ୍ଷା ଓ ହାତୀ ଘଉଡ଼ାଇବାକୁ ଯାଇ ଅନେକ ମୃତାହତ ହୋଇଛନ୍ତି। ଗତ ୨୦୨୨ ନଭେମ୍ବର ମାସରେ ବାଗପୁର ପଞ୍ଚାୟତ ଜାମପଡା ନିକଟରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିବାବେଳେ ଏହାର କିଛି ଦିନ ପରେ ବାଗପୁର ନିକଟରେ ଗୋଷ୍ଠୀ ସଂଘର୍ଷରେ ଏକ ଦନ୍ତାହାତୀ ମରିଥିଲା। ପରବର୍ତ୍ତୀ ସମୟରେ ଗତ ବର୍ଷ କମର୍ଦ୍ଧା ପଞ୍ଚାୟତ ଗନ୍ଧରବାରୁ ନିକଟରେ ଏକ ହାତୀ ରୋଗାଗ୍ରସ୍ତ ହୋଇ ମରିଥିବା ଦେଖାଯାଇଥିଲା। ଘଟଣା କେବଳ ହାତୀ ମୃତ୍ୟୁର ନୁହେଁ। ଏହା ସହ ବନବିଭାଗ କର୍ମଚାରୀଙ୍କ ସହ ସାଧାରଣ ଲୋକ ମଧ୍ୟ ଏହି କ୍ରମରେ ମୃତାହତ ହୋଇ ଆସିଛନ୍ତି। ଚାରି ବର୍ଷ ତଳେ ନର୍ଲା ଫରେଷ୍ଟର ଭବାନୀ ନାଏକ ହାତୀ ଘଉଡ଼ାଇବାକୁ ଯାଇ ଗୁରୁତର ଆହତ ହୋଇଥିଲେ। ଗତ ୨୦୨୩ ଫେବୃୟାରୀ ମାସରେ ଜଣେ ମହିଳା ବାଗପୁରଠାରେ ନିଜ ଚାଷ ଜମିରେ ହାତୀ ହାବୁଡରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ସବୁଠୁ ଦୁଃଖଦ ଘଟଣା ହେଲା ଗତ ଛଅ ମାସ ତଳେ ହାତୀ ଘଉଡ଼ାଇବାକୁ ଯାଇ ନର୍ଲା ରେଞ୍ଜର ପ୍ରଶାନ୍ତ ପାଲ ମୃତ୍ୟୁ ମୁଖରେ ପଡ଼ିଥିଲେ। ଏହାର କିଛି ବର୍ଷ ପୂର୍ବରୁ ତେର୍ଲୋ ବାଞ୍ଜି ନାଳରେ ମଧ୍ୟ ଦୁଇଜଣ ଆଦିବାସୀଙ୍କୁ ହାତୀ ଦଳି ଦେଇଥିଲା। ହାତୀ ମଣିଷ ଲଢେଇରେ ଅନେକ କ୍ଷୟ କ୍ଷତି ହୋଇଯାଉଛି। ଏପଟେ ବିଦ୍ୟୁତ କାଟକୁ ନେଇ ଅଶାନ୍ତ ଜନତା ବିଦ୍ୟୁତ କାର୍ଯ୍ୟାଳୟକୁ ରାତି ଅଧିଆ ପହଞ୍ଚି କର୍ମଚାରୀମାନଙ୍କୁ ଅଟକ ରଖିବା ସହ ରାସ୍ତା ଅବରୋଧ କରିଥିଲେ। ଶେଷରେ ହାତୀ ଚିନ୍ତା ଛାଡ଼ି ବିଦ୍ୟୁତ ବିଭାଗ ଲାଇନ୍ ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ ନକଲେ ଆଗକୁ ଅଶାନ୍ତି ଆହୁରି ବୃଦ୍ଧି ପାଇବ ଏହା ନିଃସନ୍ଦେହ ।

## ୨୦ ବର୍ଷରେ ନିହତ ହେଲେଣି ୫୨୪୯ ହାର୍ଡକୋର ମାଓବାଦୀ

**ଭୁବନେଶ୍ୱର, ୧୫/୯ ନ୍ୟୁଜ ବ୍ୟୁରୋ**

ଭୁଶୁଡୁଛି ଲାଲଗଡ଼। ଗତ ୨୦ବର୍ଷରେ ନିହତ ହୋଇଛନ୍ତି ୫ହଜାରରୁ ଅଧିକ ହାର୍ଡକୋର ମାଓବାଦୀ। ନିଜ ଦୁର୍ବଳତାକୁ ନିଜେ ସ୍ୱୀକାର କଲା ମାଓ ସଂଗଠନ ମାଓବାଦୀଙ୍କୁ ମୂଳପୋଛ କରିବାକୁ ଅମିତ ଶାହା ଦେଇଥିଲେ ଟାର୍ଗେଟ। ଡିଜିପି କହିଥିଲେ, ୨୦୨୬ ସୁଦ୍ଧା ଓଡ଼ିଶା ହେବ ମାଓମୁକ୍ତ ରାଜ୍ୟ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଘୋଷଣା ପରେ ମାଓ ଶିବିରରେ ଦେଖାଦେଇଛି ଛନକା । ଧିରେ ଧିରେ ଦୁର୍ବଳ ହେଉଛି ମାଓ ସଂଗଠନ । ବିଭିନ୍ନ ସମୟରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହେଉଛନ୍ତି ମାଓବାଦୀ । ଆଉ ନିଜ ଦୁର୍ବଳତାକୁ ନିଜେ ଘୋଷଣା କରିଛି ମାଓ ସଂଗଠନ । ଗତ ୨୦ ବର୍ଷରେ ନିହତ ହେଲେଣି ୫ ହଜାର ୨୪୯ ଜଣ ହାର୍ଡକୋର ମାଓବାଦୀ । ଏଥିରେ ହଜାରେ ମହିଳା କ୍ୟାଡର ଅଛନ୍ତି । କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ) କେନ୍ଦ୍ରୀୟ କମିଟି ୨୫ ପୃଷ୍ଠାର ଏକ ରିପୋର୍ଟ ଜାରି କରି ଏହାକୁ ସ୍ୱୀକାର କରିଛି । ୨୦୦୪ରୁ ୨୦୨୪ ମଧ୍ୟରେ ମାଓବାଦୀ ସଂଗଠନ କେଉଁ କ୍ଷତି ଏବଂ ଲାଭ ପାଇଛି ସେନେଇ ଏହି ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟ ଅନୁଯାୟୀ ୨୨ ଜଣ ଶୀର୍ଷ ମାଓବାଦୀ କମାଣ୍ଡର ଏହି ସମୟରେ ନିପାତ ହୋଇଛନ୍ତି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଦେଢ ଶହରୁ ଊର୍ଦ୍ଧ୍ୱ ମାଓବାଦୀ ନିହତ ହେଲେଣି । ଗିରଫ ହେଲେଣି ୬୭୦ରୁ ଅଧିକ ଓ ଆତ୍ମସମର୍ପଣ କଲେଣି ୬୬୦ରୁ ଅଧିକ ଜଣ ମାଓବାଦୀ । ୨୦୧୪ ରୁ ୨୦୨୪ ମଧ୍ୟରେ ୭୭୪୪ଟି ମାଓ ହିଂସାକାଣ୍ଡ ଘଟିଛି । ଯାହାକି ୫୩ ପ୍ରତିଶତ କମ୍ । ବର୍ତ୍ତମାନ ପ୍ରାୟ ମାଓ ହିଂସାକାଣ୍ଡରେ ମୃତ୍ୟୁ ସଂଖ୍ୟାରେ ୭୦ ପ୍ରତିଶତ ହ୍ରାସ ପାଇଛି । ମାଓ ଦମନକୁ ବଡ଼ ସଫଳତା ଭିତରେ ବି ଚାଲିଛି ବଡ଼ ଅଭିଯାନ । ଛତିଶଗଡ଼ର ମାଓବାଦୀ ଏବେ ନୂଆପଡ଼ା ମୁହାଁ । ସେମାନଙ୍କୁ ଧରିବା ପାଇଁ ସୁନାବେଡ଼ା ଅଞ୍ଚଳରେ ଚାଲିଛି ଜୋରଦାର କମ୍ବିଂ ଅପରେସନ୍।